ବର୍ଷ-୨୬, ସଂଖ୍ୟା-୨୨୪
ଭୁବନେଶ୍ୱର
ଅଗଷ୍ଟ ୨୦, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 224
Bhubaneswar
August, 20 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଟେଷ୍ଟରେ ପନ୍ତଙ୍କ ରେକର୍ଡ



# ଓଡ଼ିଶାର ୪ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି

ଭୁବନେଶ୍ୱର,୧୯।୮(ମହାଭାରତ): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବେଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କା ମୂଲ୍ୟର ୪ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଓଡିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦଶେ ଓ ତାମିଲନାଡୁ ରାଜ୍ୟରେ କାର୍ଯ୍ୟାନ୍ୱୟନ ହେବ। ପ୍ରସ୍ତାବିତ ପ୍ରକଳ୍ପଗୁଡିକ ହେଲା; ଖଡଗପୁର - ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନ - ୧୭୩ କିଲୋମିଟର (ପଶ୍ଚିମବଙ୍ଗ ଏବଂ ଓଡିଶା), ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ - ୭୫ କିଲୋମିଟର (ଓଡିଶା), କଟକ - ପାରାଦୀପ (ବଡବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୭୨ କିଲୋମିଟର (ଓଡିଶା) , ଗୁମ୍ମିଡିପୁଣ୍ଡି - ଗୁଡୁର ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୯୦ କିଲୋମିଟର (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ)।

ଚାରି ରାଜ୍ୟର ଆଠଟି ଜିଲ୍ଲା ଏସବୁ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବେ। ଏହି ପ୍ରକଳ୍ପଗୁଡିକ ନିର୍ମାଣ ହେଲେ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କ ପ୍ରାୟ ୪୧୦ କିଲୋମିଟର ଅଧିକ ବିସ୍ତାର କରିବ। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ ବୋଲି ରେଳମନ୍ତ୍ରଣାଳୟ ପକ୍ଷରୁ ଆଶାପୋଷଣ କରାଯାଇଛି।

ଏହି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ଓଡିଶାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତ ଗିରି ବୌଦ୍ଧ ଐତିହ୍ୟ ସ୍ଥଳୀ ସମେତ ଆନ୍ଧ୍ର ପ୍ରଦେଶ ଓ ତାମିଲନାଡରୁ ପୁଲିକେଟ୍ ହ୍ରଦ, ନେଲାପଟ୍ଟୁ ପକ୍ଷୀ ଅଭୟାରଣ୍ୟ, ବୀରରାଘବ ପେରୁମଲ ମନ୍ଦିର ଆଦି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର ଆସିବ ।

ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଏବଂ ଇସ୍ପାତ, କଣ୍ଟେନର୍, ଅଟୋମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ । ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ହେବା ସହ ତୈଳ ଆମଦାନୀ ପ୍ରାୟ ୧୩୦ ନିୟୁତ ଲିଟର ଏବଂ ଅଙ୍ଗାରକାମ୍ଳ ନିର୍ଗମନ ପ୍ରାୟ ୬୫୦ ନିୟୁତ କିଲୋଗ୍ରାମ ହ୍ରାସ ପାଇବ । ଏହା ୨ କୋଟି ୬୦ ଲକ୍ଷ ଗଛ ଲଗାଇବା ସହିତ ସମାନ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ପ୍ରେସ୍‌ବିବୃତିରେ ଉଲ୍ଲେଖ କରାଯାଇଛି।



ଉପକୃତ ହେବେ ଓଡିଶା, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ଆଠଟି ଜିଲ୍ଲା

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ମୋଟ୍ ୯,୪୫୦ କୋଟି ଟଙ୍କା ବ୍ୟୟବରାଦ

୨୦୩୦-୩୧ ସୁଦ୍ଧା ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବ

ଓଡିଶାର ଭଦ୍ରକ-ହରିଦାସପୁର ୪ର୍ଥ ଲାଇନ୍ ସମେତ ୩ଟି ପ୍ରକଳ୍ପ ରହିଛି

## ଆଶୁତୋଷ ପରିଡ଼ା ପାଇବେ ଶାରଳା ପୁରସ୍କାର

ଭୁବନେଶ୍ୱର,୧୯।୮(ମହାଭାରତ): ଓଡ଼ିଶା ସାହିତ୍ୟ ଜଗତ ପାଇଁ ଏକ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ପ୍ରସିଦ୍ଧ କବି ତଥା ସୁସାହିତ୍ୟିକ ଆଶୁତୋଷ ପରିଡ଼ା ସର୍ବୋଚ୍ଚ ସାହିତ୍ୟ ସମ୍ମାନ ଶାରଳା ପୁରସ୍କାର ପାଇବେ। ତାଙ୍କର ପ୍ରତିଷ୍ଠିତ କବିତା ସଂକଳନ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ସେ ଏହି ପୁରସ୍କାର ପାଇବେ। ସେ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇସାରିଛନ୍ତି।ସୂଚନା ଥାଉକି, ଆଶୁତୋଷ ପରିଡ଼ା ୧୯୪୬ରେ କେନ୍ଦ୍ରାପଡ଼ା ଜିଲାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ କେବଳ ସାହିତ୍ୟିକ ନୁହନ୍ତି ବରଂ ଜଣେ ବିଜ୍ଞାନୀ ଭାବେ ମଧ୍ୟ ଭୁବନେଶ୍ୱରସ୍ଥିତ ଖଣିଜ ଏବଂ ପଦାର୍ଥ ପ୍ରରୌଦ୍ଧ ?ଗିକୀ ସଂସ୍ଥା (ଓଗଗଞ୍ଜ)ରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ପ୍ରମୁଖ କବିତା ସଂକଳନତାଙ୍କର ଅନେକ ଉଚ୍ଚକୋଟୀର କବିତା ପୁସ୍ତକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ସେଗୁଡ଼ିକ ମଧ୍ୟରେ 'ଇପସିତ କ୍ରୋଧ', 'ଅପ୍ରସ୍ତୁତ ମୃତ୍ୟୁ', 'ଅଙ୍ଗାର ଗାର', 'ଆକ୍ରାନ୍ତ ଅକ୍ଷର', 'ଅନ୍ତରାଳ', ଏବଂ 'ଚଣ୍ଡାଳ' ଆଦି ଅନ୍ତର୍ଭୁକ୍ତ।ସେ ପୂର୍ବରୁ ୧୯୯୦ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଏବଂ ପ୍ରତିଷ୍ଠିତ' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ସମେତ ଅନେକ ସମ୍ମାନଜନକ ପୁରସ୍କାର ଲାଭ କରିସାରିଛନ୍ତି। ଶାରଳା ପୁରସ୍କାରର ଗୁରୁତ୍ୱ ଓଡ଼ିଆ ସାହିତ୍ୟର ଆଦିକବି ଶାରଳା ଦାସଙ୍କ ସ୍ମୃତିରେ ଇମ୍ପାକ୍ଟ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପ୍ରତିବର୍ଷ ଏହି ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଏ।

# ଏସସିବିରେ ହେବ ଆଉ ଗୋଟିଏ ମେଡିସିନ୍ ବ୍ଲକ

ଭୁବନେଶ୍ୱର, ୧୯।୮(ମହାଭାରତ): ଏସସିବି ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ଏବଂ ଗୋଟିଏ ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଶେଷ ହେବ। ଏପରିକି ଆବାସିକ ବ୍ଲକର ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଲିନିକାଲ୍ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ ବୋଲି ଜଣାପଡିଛି। ଏହା ସହିତ ଆଉ ଏକ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଖୁବ୍ ଶୀଘ୍ର ସ୍ଥାନ ନିରୂପଣ କରି ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଚାଲିଥିବା ମେଗା ପୁନଃବିକାଶ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ସମୀକ୍ଷା କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ହସ୍ପିଟାଲର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏସସିବିକୁ ଆସୁଥିବା ହଜାର ହଜାର ରୋଗୀ



ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇଦେବା ପାଇଁ କ୍ଲିନିକାଲ ବ୍ଲକଗୁଡ଼ିକର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ଏଥିସହିତ ସଂଯୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ଏଥିସହିତ ରାଉରକେଲାର ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଛି। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ ଦ୍ୱାରା ହାତକୁ ନିଆଯାଉଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଆଧାତ୍ମିକ ଶୈଳୀ ଓ ଭାବନାକୁ ଆଧାର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ସମେତ ଅନ୍ୟାନ୍ୟ ଆଧାତ୍ମିକ ସଂରଚନାର ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

## ଆଧାତ୍ମିକ ଶୈଳୀରେ ହନୁମାନ ବାଟିକା ରୂପାନ୍ତରିତ କରିବାକୁ ନିର୍ଦ୍ଦେଶ

## ସ୍କୁଲ ଛାତ୍ରୀଙ୍କୁ ନିଶା ଚକଲେଟ୍ ଖୁଆଇ ଅପହରଣ ଉଦ୍ୟମ

ରାଇରଙ୍ଗପୁର/ବହଳଦା(ମହାଭାରତ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ବୁରୁପଳସା ସ୍କୁଲ ପରିସରରୁ ତିନି ଜଣ ସ୍କୁଲ ଛାତ୍ରୀଙ୍କୁ ନିଶା ଚକଲେଟ୍ ଦେଇ ଅପହରଣ ପାଇଁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବୁରୁପଳସା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି ପାଖରେ ଛାତ୍ରୀମାନେ ଖେଳୁଥିବା ସମୟରେ ଏକ ସ୍କୁଟିରେ ତିନି ଜଣ ଦୁର୍ବୃତ୍ତ ତାଙ୍କ ପାଖକୁ ପହଞ୍ଚିଥିଲେ। ତିନିଜଣ ଦୁର୍ବୃତ୍ତ ବଳପୂର୍ବକ ତିନି ଜଣ ଛାତ୍ରୀଙ୍କୁ ନିଶା ଯୁକ୍ତ ଚକଲେଟ୍ ଖୁଆଇବାକୁ ଚେଷ୍ଟା କରିଥିଲେ। ଛାତ୍ରୀମାନେ ଖାଇବାକୁ ମନା କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଫଳରେ ଛାତ୍ରୀମାନେ ଚକଲେଟ୍ ଖାଇବା ପରେ ଅଚେତ ହୋଇ ଯାଇଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଗ୍ରାମବାସୀ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ସହାୟତାରେ ସେମାନଙ୍କୁ ତୁରନ୍ତ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ହକି ବିଶ୍ୱକପରେ ପାକିସ୍ତାନକୁ ବିଦା କଲା ଭାରତ

ନୂଆଦିଲ୍ଲୀ,୨୨।୮(ମହାଭାରତ): ଭାରତୀୟ ହକି ଦଳ ବୁଧବାର ନେଦରଲାଣ୍ଡସ୍‌ର ଆମ୍ସଟଲଭେନ୍ ଷ୍ଟାଡିୟମରେ ବିଶ୍ୱକପ୍ ୨୦୨୬ର ପୁଲ-ଡି ମୁକାବିଲାରେ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରିଛି। ଭାରତ ଏବଂ ପାକିସ୍ତାନ ଟିମ୍ ମଧ୍ୟରେ ୧୬ ବର୍ଷର ଅପେକ୍ଷା ପରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଛି। ଉଭୟଙ୍କ ମଧ୍ୟରେ ୨୦୧୦ରେ ବିଶ୍ୱକପ୍‌ରେ ମୁକାବିଲା ହୋଇଥିଲା। ସେହି ମ୍ୟାଚ୍‌ରେ ଭାରତ ୪-୧ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲ। ଏବେ ପୁଣି ପାକିସ୍ତାନକୁ ଭାରତ ପରାସ୍ତ କରି କୋଟିକୋଟି ଭାରତୀୟ ହକିପ୍ରେମୀଙ୍କ ହୃଦୟ ଜିତିଛନ୍ତି ଆମ ଖେଳାଳି। ଏହି ବିଜୟ ସହିତ ଭାରତ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ବେଳେ ପାକିସ୍ତାନର ବିଦାୟ ହୋଇଛି।

ମ୍ୟାଚ୍‌ର ଆରମ୍ଭରୁ ଭାରତର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟରରେ ଟିମ୍ ଇଣ୍ଡିଆର ଅଧିନାୟକ ହରମନପ୍ରୀତ ସିଂହ (୫ମିନିଟ୍) ଏବଂ ଅଭିଷେକ (୧୧ମିନିଟ୍)ରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଏହା ପରେ ଦ୍ୱିତୀୟ କ୍ୱାର୍ଟରରେ କଡାମୁକାବିଲା ହୋଇଥିଲା। ପାକିସ୍ତାନୀ ଦଳ ଭାରତ ଉପରେ ୨ଟି ଗୋଲ୍ ଦେଇଥିଲା। ଭାରତ ମଧ୍ୟ ପାକିସ୍ତାନ ଉପରେ ୨ଟି ଗୋଲ୍ ଦେଇଥିଲା। ୨୧ମିନିଟ୍‌ରେ ହରମନପ୍ରୀତ ଏବଂ ୨୪ମିନିଟ୍‌ରେ ଅଭିଷେକ ଗୋଲ୍ ମାରିଥିଲେ। ପାକିସ୍ତାନ ପାଇଁ ହନ୍ନାନ ଶାହିଦ (୨୨ମିନିଟ୍) ଏବଂ ସୁଫିୟାନ ଖାନ (୨୫ମିନିଟ୍) ଗୋଲ୍ ଦେଇଥିଲେ। ପାକିସ୍ତାନ ପାଇଁ ହନ୍ନାନ ଖାତା ଖୋଲିଥିଲେ। ମ୍ୟାଚ୍‌ରେ ମୋଟ ୪ଗ୍ରିନ କାର୍ଡ ଦିଆଯାଇଥିଲା। ଏଥିରେ ୨ଟି ଭାରତ ପାଇଁ ଥିଲା। ବାକି ୨ଟି ପାକିସ୍ତାନ ପାଇଁ ଥିଲା। ଗୋଟିଏ ହଳଦିଆ କାର୍ଡ ଭାରତର ଆଦିତ୍ୟ ଅର୍ଜୁନଙ୍କୁ ମିଳିଥିଲା।

ଦୁଇଟି କ୍ୱାର୍ଟର ମ୍ୟାଚ୍ ଶେଷ ହେଲା ପରେ ଭାରତ ୪-୨ରେ ଅଗ୍ରଣୀଲାଭ କରିଥିଲା। ଏହି ସମୟରେ ପାକିସ୍ତାନକୁ ଭଲ ପ୍ରଦର୍ଶନ କରି ଗୋଲ୍ ମାରିବାର ଥିଲା। କିନ୍ତୁ ତୃତୀୟ କ୍ୱାର୍ଟରରେ ଦଳର ପ୍ରଭାବ ନିଷ୍କ୍ରିୟ ହୋଇଯାଇଥିଲା। ପାକିସ୍ତାନର ଖେଳାଳି କେଣସି ଗୋଲ୍ ଦେଇପାରି ନଥିଲେ। କିନ୍ତୁ ଭାରତ ଏକ ଗୋଲ୍ ଦେଇ ହାର୍ଦ୍ଦିକ ସିଂହ ୩୫ମିନିଟରେ ପେନାଲ୍ଟି କର୍ଣ୍ଣରରେ ଗୋଲ୍ ମାରିଥିଲେ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଭାରତ ୫-୩ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ପାକିସ୍ତାନ ଗୋଟିଏ ଗୋଲ ଦେଇଥିଲା। ଶାହିଦ ହନ୍ନାନଙ୍କର ଉଦ୍ୟମରେ ଏହା ହୋଇପାରିଥିଲା। ସେ ୪୬ମିନିଟରେ ଗୋଲ୍ ମାରିଥିଲେ। କିନ୍ତୁ ସେତେବେଳକୁ ଦଳ ହାରି ସାରିଥିଲା।




## ଜଟଣୀରେ ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

### ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ବଜେଟରୁ ଯୋଗାଇବେ ଓଡିଶା ସରକାର

ଭୁବନେଶ୍ୱର,୧୯।୮(ମହାଭାରତ):ଜଟଣୀ ଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ଯୋଗାଇ ଦେବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତ୍ତି ନିଆଯାଇଛି ।

ସୂଚନାଯୋଗ୍ୟ ଯେ, ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଣ୍ଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି । ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା ୨୦୦ ରଖାଯାଇଥିଲା, ତେବେ ପରବର୍ତ୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି । ଏହି ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ ବୃଦ୍ଧି ପାଇଛି ।



ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟ ଅର୍ଥ ଯୋଗାଇ ଦିଆଯାଉଛି। ତେବେ, ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ ।

ସୂଚନାଯୋଗ୍ୟ ଯେ, ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ବହୁ ସଂଖ୍ୟକ ଓଡିଆ ରୋଗୀ ପ୍ରତିଦିନ ଯାଇଥାନ୍ତି । ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡିଶାର ରୋଗୀମାନେ ନୁହେଁ ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

# ମାଷ୍ଟରକ୍ୟାଣ୍ଟିନ୍ ଛକକୁ ରଣକ୍ଷେତ୍ର କରିଦେଲେ ଅନଲାଇନ୍ ଟ୍ୟାକ୍ସି ଚାଳକ

ଭୁବନେଶ୍ୱର,୧୯।୮(ମହାଭାରତ): ଅନଲାଇନ୍ ଟ୍ୟାକ୍ସି ଡ୍ରାଇଭରଙ୍କ ଆନ୍‌ଦୋଳନରୁ ରାଜଧାନୀରେ ଲଙ୍କାକାଣ୍ଡ। ପ୍ରାୟ ୨ ଘଣ୍ଟା ଧରି ରଣକ୍ଷେତ୍ର ପାଲଟିଲା ବ୍ୟସ୍ତବହୁଳ ମାଷ୍ଟର କ୍ୟାଣ୍ଟିନ୍ ଛକ। ଡ୍ରାଇଭରଙ୍କ ଢେଲା ପଥର ମାଡ ସହ ହିଂସାକାଣ୍ଡରେ ସ୍ଥିତି ଅଣାୟତ ହେବା ପରେ ବାଧ ହୋଇ ପୋଲିସ୍ ପାଣି ମାଡ ସହ ଲାଠି ମାଡ କରି ସେମାନଙ୍କୁ ଘଉଡାଇଥିଲା। ଏହି ଘଟଣାରେ ୧୪ଟି ଆମ ବସ୍ ଓ କିଛି ପୋଲିସ୍ ଭ୍ୟାନ୍ ଭଂଗାରୁଜା ହୋଇଥିବା ବେଳେ ଆହତ ହୋଇଛନ୍ତି ୧୩ ପୋଲିସ୍ କର୍ମଚାରୀ। ସେପଟେ ପୋଲିସ୍ ୮୦ରୁ ଅଧିକ ଆନ୍‌ଦୋଳନକାରୀଙ୍କୁ ଗିରଫ କରିବା ସହ ଶତାଧିକ ଟ୍ୟାକ୍ସି ଓ ଅଟୋ ଜବତ କରିଛି। ଯାତ୍ରୀଭଡା ବୃଦ୍ଧି ସହିତ ଅନ୍ୟ କେତେକ ଦାବିରେ ଓଡିଶା ଅନଲାଇନ୍ ଚାଳକ ମିଳିତ ମଂଚ ପକ୍ଷରୁ ଆନ୍‌ଦୋଳନ ବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି।

ଦିନ ପାଖାପାଖି ୧୦ଟା। ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଚାହୁଁ ଚାହୁଁ ଶହ ଶହ ସଂଖ୍ୟାରେ ଅନଲାଇନ୍ ଅଟୋ, ଟ୍ୟାକ୍ସି ଓ ବାଇକ୍ ଚାଳକ ନିଜ ନିଜର ଗାଡି ଧରି ପହଞ୍ଚି ଯାଇଥିଲେ ଆନ୍‌ଦୋଳନ ପାଇଁ। ହେଲେ ସମୟ ଗଡିବା ସହ ଡ୍ରାଇଭରମାନେ ରାଜରାସ୍ତାରେ ଆରମ୍ଭ କରିଦେଇଥିଲେ ଉତ୍ପାତ। ରୋଡ୍ ଉପରେ ନିଜ ନିଜର ଗାଡି ରଖି ଜନପଥରେ ଯାତାୟତକୁ କରିଦେଇଥିଲେ ଠପ୍। କେଇ ମିନିଟ୍ ମଧ୍ୟରେ ଉଭୟ ପାର୍ଶ୍ୱରେ ଲାଇନ୍ ହୋଇ ଅଟକି ଯାଇଥିଲେ ଆମ ବସ୍ ଆଉ ସେହି ରାସ୍ତା ଦେଇ ଯାଉଥିବା ଅନ୍ୟାନ୍ୟ ଗାଡି। ଏହାରି ଭିତରେ ମାଷ୍ଟର କ୍ୟାଣ୍ଟିନ୍ ଛକକୁ ଏକ ପ୍ରକାର ନିଜ ଅକ୍ତିଆରକୁ ନେଇ ସାରିଥିଲେ ଅନଲାଇନ୍ ଡ୍ରାଇଭରମାନେ।

କଥା ଏତିକିରେ ଅଟକି ନଥିଲା। ଛିଡା ହୋଇଥିବା ଏକ କାର୍ ଚାଳକଙ୍କୁ ମାଡ ମାରିବା ସହ ଗାଡି ଭଙ୍ଗାରୁଜା କରିଥିଲେ। ଫଳରେ ଉପୁଜିଥିଲା ଆଇନଶୃଙ୍ଖଳା ପରିସ୍ଥିତି। ଏହାପରେ ପୋଲିସ୍, ଆନ୍‌ଦୋଳନକାରୀ ଡ୍ରାଇଭରଙ୍କୁ ବୁଝାସୁଝା କରିଥିଲା। କିନ୍ତୁ ସେ ଭିତରେ କିଛି ଆନ୍‌ଦୋଳନକାରୀ ପୋଲିସ୍ ଉପରକୁ ଢେଲାପଥର ମାଡ ସହ ସରକାରୀ ସଂପତ୍ତି ନଷ୍ଟ କରିବାରେ ଲାଗିପଡିଥିଲେ। ଚାହୁଁ ଚାହୁଁ ପୂରା ମାଷ୍ଟର କ୍ୟାଣ୍ଟିନ୍ ଛକ ପାଲଟି ଯାଇଥିଲା ରଣକ୍ଷେତ୍ର। ଆନ୍‌ଦୋଳନକାରୀଙ୍କୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ବେଳେ ପୋଲିସ୍ ସହ ଧସ୍ତାଧସ୍ତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଏହା ଭିତରେ କିନ୍ତୁ ବଳି ପଡିଯାଇଥିଲେ ସାଧାରଣ ଯାତ୍ରୀ।

ପରିସ୍ଥିତି ଅଣାୟତ ହେବାରୁ ଭୁବନେଶ୍ୱର ଡିସିପି ନିଜେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଡ୍ରାଇଭରମାନଙ୍କୁ ଘଉଡାଇବା ଲାଗି ପ୍ରଥମେ ପାଣିମାଡ, ତା ପରେ ଲାଠିମାଡ କରିଥିଲା ପୋଲିସ୍। ଗୋଡ ?ଇ ଗୋଡ ?ଇ ପୋଲିସ୍ ହିସାଂକାରୀମାନଙ୍କୁ ଘଉଡାଇବା ସହ ସେମାନଙ୍କୁ ଦୋକାନ ବଜାରରେ ଖୋଜି ଖୋଜି ଗିରଫ କରିଥିଲା। ୮୦ରୁ ଅଧିକ ଆନ୍‌ଦୋଳନକାରୀଙ୍କୁ ପୋଲିସ୍ ଗିରଫ କରିଥିବା ଜଣାପଡିଛି। ଡ୍ରାଇଭରଙ୍କ ଆକ୍ରମଣରେ ୧୩ ଜଣ ପୋଲିସ୍ ଆହତ ହୋଇଛନ୍ତି। ଆନ୍‌ଦୋଳନକାରୀମାନେ ୧୪ଟି ଆମ ବସ୍ ଓ କେତେକ ପୋଲିସ୍ ଭ୍ୟାନ୍ ଭଂଗାରୁଜା କରିଛନ୍ତି। ରାସ୍ତାରେ ବେଆଇନ ଭାବେ ଛିଡା କରିଥିବା ଟ୍ୟାକ୍ସି, ଅଟୋକୁ ପୋଲିସ ଜବତ କରିବା ସହ ଟୋ ଗାଡି ଲଗାଇ ଭିଡି ନେଇଥିଲା। ପାଖାପାଖି ୧ ଘଣ୍ଟା କାଳ ପୋଲିସର ଆକ୍ସନ ପରେ ଜନପଥରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ଆଜକୁ ୩ଦିନ ଧରି ଓଲା, ଉବର, ରାପିଡୋ ଭଳି କଂପାନୀର ଡ୍ରାଇଭରମାନେ ଆନ୍‌ଦୋଳନ କରିବା ସହ ସେମାନଙ୍କ ଦାବି ପୂରଣ କରିବା ପାଇଁ ଅଡି ବସିଛନ୍ତି। ସେମାନଙ୍କର ପ୍ରମୁଖ ଦାବିଗୁଡିକ ହେଉଛି- ଯାତ୍ରୀ ଭଡା ବୃଦ୍ଧି। ହେଲେ ସରକାର ଏହା ଉପରେ କୌଣସି ଆଲୋଚନା କରିନାହାନ୍ତି।

ପରିବହନ ମନ୍ତ୍ରୀ କହିଛନ୍ତି, ଆନ୍ଦୋଳନ ପଛରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ରହିଛି। କେହି ତାଙ୍କୁ ଉସୁକାଇ ଏପରି କାଣ୍ଡ ଘଟାଉଛି। କ୍ୟାବ୍ ଡ୍ରାଇଭରଙ୍କ ମନମାନି ଭାଙ୍ଗିବାକୁ ସରକାର ନୂଆ ଗାଇଡ୍ ଲାଇନ୍ ଆଣିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ।

ହିଂସାକାଣ୍ଡ ପରେ ଶହ ଶହ ଟ୍ୟାକ୍ସି ଓ ଅଟୋ ଜବତ କରାଯାଇଥିବା ବେଳେ ହିଂସା ଘଟାଇଥିବା ଆନ୍‌ଦୋଳନକାରୀଙ୍କୁ ଖୋଜୁଛି ପୋଲିସ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଭିଡିଓ ଆଧାରରେ ହିଂସାକାରୀଙ୍କୁ ଚିହ୍ନଟ କରାଯାଉଛି।





## ଛେନା ଝିଲି



ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସେଡ଼ା, ୫୦୦ ଗ୍ରାମ ଛେନା, ତେଲ।

ପ୍ରସ୍ତୁତି ପ୍ରଣାଳୀ: ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋ। ପକାଇ ଭଲ ଭାବରେ ଚକଟି ଦିଅନ୍ତ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଛେନା ଝିଲିକୁ ରୁଟି ଓ ପରଟା ସହିତ ଖାଇପାରିବେ।

**ଖବର**

# 'ପ୍ରଳୟ'ରେ କଲ୍ୟାଣୀ



ରଣବୀର ସିଂହଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ପ୍ରଳୟ'ର ସୁଟିଂ ମୁମ୍ବାଇଠାରେ ଆରମ୍ଭ ହୋଇଯାଇଛି। ତାଙ୍କ ସହିତ ସୁଟିଂ ସେଟ୍ ?ରେ ମୁଖ୍ୟ ଅଭିନେତ୍ରୀ ଭାବେ ଯୋଗ ଦେଇଛନ୍ତି କଲ୍ୟାଣୀ ପ୍ରିୟଦର୍ଶନ। କଲ୍ୟାଣୀ ଏହି ଚଳଚ୍ଚିତ୍ରରେ କାମ କରିବା ନେଇ ଖୁବ୍ ଉତ୍ସାହିତ। ଏହାର କାରଣ ହେଲା ସେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ଅନେକ ସଫଳତା ପାଇଥିଲେ ହେଁ ବଲିଉଡ୍ ଚଳଚ୍ଚିତ୍ରରେ ଏ ଯାଏ କାମ କରି ନଥିଲେ। 'ପ୍ରଳୟ' ଜରିଆରେ ସେ ବଲିଉଡ୍‌ରେ ପଦାର୍ପଣ କରିବେ। ପୁଣି 'ଧୁରନ୍ଧର' ଓ 'ଧୁରନ୍ଧର ୨' ଚଳଚ୍ଚିତ୍ରର ଅଭୂତପୂର୍ବ ସଫଳତା ପରେ ବଲିଉଡ୍‌ର ସବୁଠାରୁ ଅଧିକ ଚାହିଦାରେ ଥିବା ରଣବୀର ସିଂହଙ୍କ ନାୟିକା ହେବାର ସୁଯୋଗ ତାଙ୍କୁ ମିଳିଛି।

କଲ୍ୟାଣୀ ଆଞ୍ଚଳିକ ଶିଳ୍ପରେ ଥାଇ ବି ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଛନ୍ତି। ଗତ ବର୍ଷ ମୁକ୍ତିଲାଭ କରିଥିବା ମାଲୟାଲମ୍ ଚଳଚ୍ଚିତ୍ର 'ଲୋକା'ରେ ଏକ ମହିଳା ସୁପରହିରୋ ଚରିତ୍ରରେ ଅଭିନୟ କରି ସେ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଏବେ 'ପ୍ରଳୟ'ରେ ଏ ଦୁହିଁଙ୍କୁ ଜୋମ୍ବିମାନଙ୍କ ସହ ଲଢୁଥିବାର ଦେଖିବାକୁ ମିଳିବ। ମୁମ୍ବାଇ ସହରରେ ମାରାତ୍ମକ ମହାମାରୀ ପରେ ଜୋମ୍ବିମାନେ ଆତଙ୍କ ଖେଳାଇ ଦେଇଥିବାର କାଳ୍ପନିକ କାହାଣୀ ଏହାର କେନ୍ଦ୍ରରେ ଅଛି। ଏହି ଚଳଚ୍ଚିତ୍ରର ପ୍ରଯୋଜକ ହଂସଲ ମେହେଟା କହିଛନ୍ତି ଭାରତରେ ଏମିତି ଚଳଚ୍ଚିତ୍ର ନିର୍ମାଣ ହୋଇ ନାହିଁ ଏବଂ ଏହା ସଂପୂର୍ଣ୍ଣ ମୌଳିକ କାହାଣୀ ଉପରେ ଆଧାରିତ।

## ଭଗବାନ ଅର୍ଦ୍ଧନାରୀଶ୍ୱର



ତପସ୍ୱୀ ଭୃଙ୍ଗୀ ଭଗବାନ ଶିବଙ୍କ ପରମଭକ୍ତ ଥିଲେ । ସେ ସର୍ବଦା ଶିବଙ୍କୁ ଭଜନ କରୁଥିଲେ । ତେବେ ସେ ଦେବୀ ଶକ୍ତିଙ୍କୁ କେବେ ଆରାଧନା କରୁନଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଦେବୀ ଶକ୍ତି ତାଙ୍କ ଠାରୁ ଶକ୍ତି ଛଡ଼ାଇ ନେଲେ । ଶକ୍ତିବିହୀନ ଭୃଙ୍ଗୀ ଆଉ ଭୂମିରେ ସିଧାସଳଖ ଛିଡ଼ା ମଧ୍ଯ ହୋଇପାରିଲେ ନାହିଁ । ତାଙ୍କ ଦୁଃଖ ଦେଖି ଭଗବାନ ଶିବ ତାଙ୍କୁ ଏକ ବାଡ଼ି ଦେଲେ । ସେହି ବାଡ଼ିକୁ ଧରି ଭୃଙ୍ଗୀ ସିଧାସଳଖ ଛିଡ଼ା ହେଲେ । ଏହାପରେ ମଧ ଭୃଙ୍ଗୀ କେବଳ ଭଗବାନ ଶିବଙ୍କୁ ପୂଜା କଲେ, ଶକ୍ତିଙ୍କୁ ନୁହେଁ । ଦେବୀ ଶକ୍ତି ଭଗବାନ ମହାଦେବଙ୍କ ସହିତ ସମ୍ପୂର୍ଣ୍ଣ ରୂପରେ ସମ୍ମିଳିତ ହେବାର ପ୍ରୟାସ ଜାରି ରଖିଲେ । ସେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଦେବୀ ଶକ୍ତିଙ୍କୁ ନିଜର ଅର୍ଦ୍ଧାଙ୍ଗ ରୂପରେ ଗ୍ରହଣ କଲେ । ଏହାପରେ ସେ 'ଅର୍ଦ୍ଧନାରୀଶ୍ୱର' ଅବତାରରେ ଉଭା ହେଲେ । ଭଗବାନ ଅର୍ଦ୍ଧନାରୀଶ୍ୱରଙ୍କ ବାମ ପାର୍ଶ୍ୱ ପୁରୁଷ ବା ଶିବ ଏବଂ ଡାହାଣ ପାର୍ଶ୍ୱ ନାରୀ ବା ଶକ୍ତିଙ୍କ ରୂପରେ ପୂଜା କରାଗଲା ।

# କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର୍



ନୟାଗଡ ଜିଲ୍ଲା କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ ଦେବତା ଭାବେ ବାବା ସିଦ୍ଧେଶ୍ୱର ପୂଜା ପାଉଛନ୍ତି। ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟଣ ଗତି କଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ। ସୂର୍ଯ୍ୟ ଦକ୍ଷିଣାୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ। ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।ନୟାଗଡ ଜ଼ିଲ୍ଲା କଣ୍ଟିଲୋରେ ବିଦ୍ୟମାନ ଶ୍ରୀ ନୀଳମାଧଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ନାମରେ ନାମିତ କରାଯାଇଛି । ବ୍ରହ୍ମାଦି ପାହାଡ଼ ଉପରେ ପ୍ରଭୁ ନୀଳମାଧ ପୂଜା ପାଉଥିବା ବେଳେ ପାହାଡ଼ ତଳେ ପାର୍ଶ୍‌ଦେବତା ରୂପେ ବାବା ସିଦ୍ଧେଶ୍ୱର ବିଦ୍ୟମାନ । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟନ ଗତିକଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ । ସୂର୍ଯ୍ୟ ଦକ୍ଷିଣାୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ । ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।କିମ୍ବଦନ୍ତୀ କହେ କଣ୍ଟିଲୋ ଅଂଚଳ କଣ୍ଟେଇକୋଳି ଜଙ୍ଗଲରେ ଭର୍ତ୍ତି ହୋଇଥିଲା। ବେଦପତି ବ୍ରହ୍ମା ବ୍ରହ୍ମାଦି ପାହାଡ଼ର ବ୍ୟାଘ୍ର ଗୁମ୍ଫାରେ ସ୍ୱୟଂ ବିଷ୍ଣୁଙ୍କୁ ପୂଜା ଆରଧନା କରୁଥିଲେ । ଶିବ -ପାର୍ବତୀ ନାରାୟଣଙ୍କୁ ପରୀକ୍ଷା କରିବା ପାଇଁ ଚିନ୍ତାକଲେ। କଣ୍ଟିଲୋର କିଛି ଦୂରରେ ଥିବା ପାଟଣା ଗାଁର ଦକ୍ଷିଣଚଣ୍ଡୀଙ୍କ ନିକଟରେ ଶିବ ପାର୍ବତୀଙ୍କୁ ଛାଡି ବ୍ରହ୍ମାଦି ପାହାଡ଼କୁ ରୂପ ପରିବର୍ତ୍ତନ କରି ଆସିଲେ। ନୀଳମାଧଙ୍କୁ ଦର୍ଶନ କଲାବେଳେ ପ୍ରଭୁ ଶିବଙ୍କୁ ଚିହ୍ନି ପାରିଥିଲେ। ସେଠାରେ ଶିବଙ୍କୁ ରହିଯିବା ପାଇଁ ନୀଳମାଧବ କହିଥିଲେ। ସେହି ଦିନଠାରୁ ବ୍ରହ୍ମାଦି ପାହାଡ଼ରେ ଭଗବାନ ଶିବ ସୁବର୍ଣ୍ଣେଶ୍ୱର ନାମରେ ପୂଜା ପାଉଥିଲେ। ମହାଦେବ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବାରୁ ସିଦ୍ଧେଶ୍ୱର ମହାଦେବ ନାମରେ ନାମିତ ହେଲେ।ବ୍ରହ୍ମାଦି ପାହାଡ଼ ନିକଟସ୍ଥ ମହାନଦୀର ଅପର ପାର୍ଶ୍ୱରୁ ଏକ କାଳିଗାଈ ବ୍ରହ୍ମାଦି ପାହାଡ଼କୁ ଆସେ। କାଳିଗାଈ ଗଉଡ଼ ଘରେ କ୍ଷୀର ଦିଏ ନାହିଁ। ଗଉଡ଼ ସନ୍ଦେହ କରି ଦିନେ ଗାଈ ପିଛା କରିଥିଲା। ମହାନଦୀରେ ବର୍ଦ୍ଧି ପାଣି ଆସିଥାଏ। ଗାଈର ଲାଞ୍ଜ ଧରି ଗଉଡ଼ ନଦୀପାର ହୋଇଥିଲା। ଗାଈ ଆସି ସିଦ୍ଧେଶ୍ୱରଙ୍କ ଲିଙ୍ଗରେ ଠିଆହୋଇ କ୍ଷୀର ଦେଇଥିଲା। ଗଉଡ଼ ଦେଖି ଗାଈକୁ ବାଉଁଶଠେଙ୍ଗାରେ ମାଡ଼ ମାରିଥିଲା। ଗାଈ ଦୌଡ଼ି ପଳାଇବା ବେଳେ ଶିବଲିଙ୍ଗ ଉପରେ ଖୁରାପଡିଗଲା। ସେହି ଦିନଠାରୁ ଶିବଲିଙ୍ଗ ଉପରେ ଖୁରାଚିହ୍ନ ରହିଛି। ତେବେ ଏଠାରେ କିଏ ମନ୍ଦିର ନିର୍ମାଣ କରିଥିଲେ ଇତିହାସ ନିରବ।

# କର୍ମ ଓ ପ୍ରେରଣା



ଅନେକ ଦିନ ତଳର କଥା। ଜଣେ ସାଧୁ ଥିଲେ । ନାମ ରାମାନନ୍ଦ। ସେ ଥିଲେ ଜଣେ ଉତ୍ତମ ଭକ୍ତ। ସ୍ୱାମୀ ରାମାନନ୍ଦଙ୍କର ଅନେକ ଶିଷ୍ୟ ଓ ଭକ୍ତ ଥିଲେ। ସେମାନେ ମଧ୍ୟ ତାଙ୍କୁ ସୁନା,ରୁପା ଭେଟି ଦେଉଥିଲେ। ସ୍ୱାମିଜୀ ସ୍ଥିର କଲେ ଯଥେଷ୍ଟ ଅର୍ଥ ଜମା ହେବାପରେ ସେ ଗରିବ ଲୋକଙ୍କ ସକାଶେ ଗୋଟାଏ ଦାତବ୍ୟ ଚିକିତ୍ସାଳୟ ଖୋଲିବେ । ଥରେ ନିଜର ଜଣେ ଶିଷ୍ୟ ଆଦିତ୍ୟକୁ ଧରି ବଣୁଆ ରାସ୍ତାଦେଇ ଯାଉଥାନ୍ତି। ବାଟରେ ସ୍ୱାମୀଜୀଙ୍କୁ ଆଦିତ୍ୟ ପଚାରିଲା "ଗୁରୁଦେବ ! କୁରୁ-ପାଣ୍ଡବ ଯୁଦ୍ଧରେ ଲଢ଼ିଲେ ଅର୍ଜୁନ। ଶ୍ରୀକୃଷ୍ଣ କେବଳ ତାକୁ ଉପଦେଶ ଦେଉଥିଲେ। ତେବେ ଯୁଦ୍ଧରେ ପାଣ୍ଡବଙ୍କ ବିଜୟଲାଭ ପାଇଁ ସମସ୍ତେ ଶ୍ରୀକୃଷ୍ଣଙ୍କୁ କାହିଁକି ଅଭିନନ୍ଦନ ଜଣାନ୍ତି। ଠିକ୍ ସମୟରେ ଉତ୍ତର ଦେବି କହି ଆଗକୁ ଅଗ୍ରସର ହେଲେ। ଖଣ୍ଡିଏ ଟାଣୁଆ ଲାଠି ସଂଗ୍ରହ ପାଇଁ ସ୍ୱାମୀଜୀ ଆଦିତ୍ୟକୁ କହିଲେ। ଆଦିତ୍ୟ ଏକ ଲାଠି ସଂଗ୍ରହ କଲା ଏବଂ ଗୁରୁଶିଷ୍ୟ ଆଗକୁ ଯାଉ ଯାଉ ରାସ୍ତାରେ ଡ଼ାକୁମାନେ ବନ୍ଧୁକ ଧରି କହିଲେ ପାଖରେ ଯାହା ଟଙ୍କା ସୁନାଅଛି ଦେଇଦିଅ । ନ ହେଲେ ଗୁଳିରେ ମୁଣ୍ଡ ଉଡ଼ାଇ ଦେବି।

ସ୍ୱାମିଜୀ କହିଲେ ବାବୁ ଏହା ଗରିବ ଲୋକଙ୍କ ଉପକାର ପାଇଁ ସଂଚିଥିଲି। ତୁମେ ଏମିତି ଛଡ଼ାଇ ନେବା କ'ଣ ଭଲ ହେବ?" ଡ଼ାକୁମାନେ କିଛି ନ ଶୁଣି ଟଙ୍କା ଥଳିଟି ଛଡ଼ାଇ ନେଲେ। ସ୍ୱାମିଜୀ କହିଲେ ଟଙ୍କା ପଇସା ତନେଲ ମୋତେ କାହିଁକି ବଞ୍ଚାଇ ରଖିଛ। ମୋତେ ମାରିଦେଇ ଦୁଃଖରୁ ମୁକ୍ତି ଦିଅ। ଡ଼ାକୁମାନେ କହିଲେ ଏହା କ'ଣ ସତ ବନ୍ଧୁକ ହୋଇଛି ଯେ, ମୁଁ ତୁମକୁ ମାରିବି ? ସ୍ୱାମିଜୀ କହିଲେ ମୋ ସନ୍ଦେହ ଠିକ୍। ଆଦିତ୍ୟ ! ଆଉ ବିଳମ୍ବ ନକରି ଶକ୍ତି ଦେଖାଅ। ସଙ୍ଗେ ସଙ୍ଗେ ଆଦିତ୍ୟ ତା'ଲାଠି ଡ଼ାକୁ ପିଠିରେ ବସାଇଦେଲା। ଡ଼ାକୁ ତଳେ ପଡ଼ିଗଲା।

ସ୍ୱାମିଜୀ କହିଲେ, "ବାବୁ ମୋ ଅନୁରୋଧ ରକ୍ଷା କରିଥିଲେ ତୁମର ଏ ଦୁର୍ଦ୍ଦଶା ହୋଇ ନଥାନ୍ତା। ଡ଼ାକୁ ବନ୍ଧା ହୋଇ ଜୁଲୁଜୁଲୁ କରି ସେମାନଙ୍କ ଗତି ପଥକୁ ଅନାଇ ରହିଲା। କିଛିବାଟ ଯିବା ପରେ ଆଦିତ୍ୟ କହିଲା, "ଗୁରୁଦେବ! ଧନ୍ୟ ଆପଣଙ୍କ ଦୂରଦୃଷ୍ଟି ଓ ବୁଦ୍ଧି। ଆପଣଙ୍କ କଥା ଶୁଣି ଲାଠି ସଂଗ୍ରହ କରି ନ ଥିଲେ ଆଜି ସବୁ ଯାଇଥିଲା। ପୁଣି ଆପଣ ଡ଼ାକୁକୁ ବି ବୋକା ବନେଇଦେଲେ ! "କିନ୍ତୁ ଲାଠି ଚଳାଇଲୁ ତ ତୁ !" ସ୍ୱାମିଜୀ କହିଲେ। "କିନ୍ତୁ ଆପଣ ନ ଥିଲେ ମୁଁ କ'ଣ ତାହା କରିଥାନ୍ତି ?" ଆଦିତ୍ୟ କହିଲା। "ଏଥର ଶ୍ରୀକୃଷ୍ଣଙ୍କ ତାତ୍ପର୍ଯ୍ୟ ବୁଝିଲୁ ତ ? ସ୍ୱାମିଜୀ ବୁଝାଇଦେଲେ ଆଦିତ୍ୟ ତୃପ୍ତ ହେଲା।

# ବିବାହ ସହ ଜଡିତ କିଛି ଗୁରୁତ୍ୱପୂର୍ଣ୍ଣ କଥା



ହସ୍ତରେଖା ବିଶେଷଜ୍ଞଙ୍କ ମତରେ ଯେଉଁମାନଙ୍କର ହସ୍ତରେ ଶୁକ୍ର, ବୃହସ୍ପତି, ମଙ୍ଗଳ ଆଦିଙ୍କ ସ୍ଥାନ ଖୁବ ପ୍ରଭାବିତ ରହିଥାଆନ୍ତି। ସେମାନେ ପ୍ରେମ ବିବାହ କରିବାର ସମ୍ଭାବନା ଅଧିକ ରହିଥାଏ।

ଆମ ହସ୍ତରେ ଥିବା ରେଖାମାନଙ୍କ ଠାରୁ ଏହା ମଧ୍ୟ ଜାଣିହୋଇଥାଏ ଯେ, ଯଦି ଆପଣଙ୍କ ଅନ୍ୟ ରେଖା ତୁଳନାରେ ବିବାହ ରେଖା ଖୁବ ସାନ କିମ୍ବା ବଡ଼ ଥାଏ, ତେବେ ଆପଣଙ୍କ ବିବାହ ଘରର ନିକଟରେ ହେବାର ସମ୍ଭାବନା ଥାଏ।

ଯଦି ଆପଣଙ୍କ ହସ୍ତରେ ବୃହସ୍ପତି ରେଖା ଶନିଙ୍କ ଆଡ଼କୁ ଢଳି ରହେ, ତେବେ ଜାଣନ୍ତୁ ଆପଣଙ୍କ ବିବାହ ବିଳମ୍ବରେ ହେବ।

ହସ୍ତରେ ଥିବା ବୁଧ ପର୍ବତ ରେଖାରୁ ମଧ ବ୍ୟକ୍ତିଙ୍କର ପ୍ରେମ ବିବାହ ହେବ ବୋଲି ଜଣାପଡ଼ିଥାଏ। ହସ୍ତରେ ବୃହସ୍ପତି ଓ ଶୁକ୍ରଙ୍କର ସ୍ଥିତିରୁ ମଧ ଆପଣଙ୍କ ସାଥିର ଗୁଣ ବିଷୟରେ ଜାଣି ହୋଇଥାଏ। ଯେଉଁମାନଙ୍କ ବୃହସ୍ପତି ରେଖା ହୃଦୟ ରେଖା ଠାରୁ ଦୂରରେ ରହେ, ସେମାନଙ୍କର ବିବାହ ମଧ ବିଳମ୍ବରେ ହୋଇଥାଏ। ଯେବେ ବିବାହ ପାଇଁ ଆପଣଙ୍କୁ ଦେଖିବା ପାଇଁ ଲୋକେ ଆସନ୍ତି, ସେହି ସମୟରେ ଆପଣଙ୍କ ମୁଖକୁ ଉତ୍ତର ଦିଗ ଆଡ଼କୁ କରି ବସନ୍ତୁ।

ବିବାହ ଯୋଗ୍ୟ ଯୁବକ-ଯୁବତୀଙ୍କ କକ୍ଷରେ ସୁନ୍ଦର ସୁନ୍ଦର ଫଟୋ ଲଗାନ୍ତୁ। ମାତ୍ର କାନ୍ଦୁଥିବା ପିଲାମାନଙ୍କ ଫଟୋ ଲଗାନ୍ତୁ ନାହିଁ।

ଯଦି ଆପଣ ପ୍ରେମବିବାହ କରୁଛନ୍ତି ଓ ଆପଣଙ୍କୁ ଦୁଃସ୍ୱପ୍ନ ଆସୁଛି ତେବେ ନିଜ ତକିଆ ତଳେ ହାତର ଆଙ୍ଗୁଠିରେ 'ଓଁ' ଲେଖନ୍ତୁ।

ଘରର ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାନ୍ତୁ ନାହିଁ। କାରଣ ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାଇବା ଦ୍ୱାରା ବିବାହରେ ସମସ୍ୟା ସୃଷ୍ଟି ହୋଇଥାଏ। ବିବାହ ପାଇଁ ଆପଣଙ୍କୁ ଦେଖିବାକୁ ଆସୁଥିବା ଅତିଥିଙ୍କୁ ଗୃହରେ ସର୍ବଦା ପଶ୍ଚିମ ଦିଗରେ ବସାନ୍ତୁ।

ଯଦି ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ କିଛି ଖୁମ୍ବ, ବୃକ୍ଷ, ଖୋଲା ହୋଇଥିବା ନଳା ଥାଏ ତେବେ ମଧ ବିବାହ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

# ରାଜ୍ୟର ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ

**ଭୁବନେଶ୍ୱର,୧୯।୮ (ମହାଭାରତ):** ସମାବେଶୀ ବିକାଶ ମାଧ୍ୟମରେ ରାଜ୍ୟର ଯୁବକ, ମହିଳା, ଶିଳ୍ପୀ ଏବଂ ପ୍ରଥମ ପିଢ଼ି ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଏତଦବ୍ୟତୀତ ଓଡ଼ିଶାର ଗ୍ରାମୀଣ ଏବଂ ଆଦିବାସୀ ଅଂଚଳରେ ଉଦ୍ୟମିତାକୁ ଅଧିକ ଭାବେ ପ୍ରସାରିତ କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି ।

ବୁଧବାର ଦିନ ଓଡ଼ିଶା ଆସେମ୍ବ୍ଲିଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଂଟରପ୍ରାଇଜେସ୍ (ଓଏଏସଏମଇ) ର ୪୧ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ରାଜ୍ୟ ସ୍ତରୀୟ ସମ୍ମିଳନୀ-୨୦୨୬ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ରାଜ୍ୟପାଳ କହିଥିଲେ ଯେ ପ୍ରତ୍ୟେକ ଯୁବକଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ଉଦ୍ୟୋଗ ବିକଶିତ ହେବା ଜରୁରୀ। ସେହିଭଳି ଗ୍ରାମ ଏବଂ ଛୋଟ ସହରଗୁଡ଼ିକର ସମୃଦ୍ଧି ପାଇଁ ଉଦ୍ୟୋଗକୁ ସେଠାକୁ ପହଂଚାଇବା ଆବଶ୍ୟକ।

ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ବିକାଶକୁ କେବଳ ଶିଳ୍ପ କିମ୍ବା ବିନିଯୋଗର ଆକାର ଦୃଷ୍ଟିରୁ ମାପିବା ଉଚିତ ନୁହେଁ, ବରଂ ଲୋକଙ୍କ ପାଇଁ ଆମେ କେତେ ସୁଯୋଗ ସୃଷ୍ଟି କରୁଛୁ ତାହା ଦ୍ୱାରା ମାପିବା ଉଚିତ। ଏମଏସଏମଇକୁ ଲୋକଙ୍କ ଆକାଂକ୍ଷାକୁ ବାସ୍ତବରେ ରୂପାନ୍ତରିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହି କ୍ଷେତ୍ର କେବଳ ଅର୍ଥନୀତିର ଏକ ଅଂଶ ନୁହେଁ, ବରଂ ନିଯୁକ୍ତି, ଜୀବିକା ଏବଂ ଅର୍ଥନୈତିକ ସୁଯୋଗର ଏକ ପ୍ରମୁଖ ଉତ୍ସ। ଉନ୍ନତ ସହରଗୁଡ଼ିକରୁ ଅନ୍ୟ ସହର, ଗ୍ରାମ, ଆଦିବାସୀ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ଉଦ୍ୟୋଗକୁ ପହଂଚାଇବା ହେଉଛି ଏହାର ଶକ୍ତି ।

ରାଜ୍ୟପାଳ ଏହା ମଧ କହିଥିଲେ ଯେ ଏମଏସଏମଇ ଓଡ଼ିଶାର ପାରମ୍ପରିକ ଶକ୍ତି ଏବଂ ଆଧୁନିକ ଆକାଂକ୍ଷା ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରେ। ଏହା ଶିଳ୍ପୀମାନଙ୍କୁ ବିଶ୍ୱ ବଜାର ସହିତ, କୃଷି ଉତ୍ପାଦକୁ ମୂଲ୍ୟ ସଂଯୋଜିତ ଶିଳ୍ପ ସହିତ ଏବଂ ସ୍ଥାନୀୟ ଦକ୍ଷତାକୁ ଉଦୀୟମାନ ପ୍ରଯୁକ୍ତି ସହିତ ସଂଯୋଗ କରେ।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ୟମରେ ରାଜ୍ୟର ଏମଏସଏମଇ ପରିବେଶକୁ ସୁଦୃଢ଼ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏମଏସଏମଇ ପାଇଁ ସୁଧ ଖର୍ଚ୍ଚ ଭରଣା, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଏବଂ ଏମଏସଏମଇ କ୍ଲଷ୍ଟର ପାଇଁ ସହାୟତା ଏବଂ ଉଦ୍ୟମିତା ତଥା ପ୍ରଯୁକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ମଧ ପ୍ରଶଂସା କରିଥିଲେ। ସରକାରୀ ସହାୟତାର ଅନ୍ତିମ ପର୍ଯ୍ୟାୟ ବିତରଣକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାର, ଆର୍ଥିକ ସଂସ୍ଥା ଏବଂ ଶିଳ୍ପ ସଙ୍ଗଠନଗୁଡ଼ିକୁ ଜିଲ୍ଲାସ୍ତରରେ ସୁବିଧାକରଣ, ସଚେତନତା, ମାର୍ଗଦର୍ଶନ ଓ ସହାୟତା ଏବଂ ସ୍ଥାନୀୟ ଉଦ୍ୟୋଗ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଉଦ୍ୟୋଗୀମାନଙ୍କୁ ପୁଞ୍ଜି, ପ୍ରଯୁକ୍ତି, ତାଲିମ ଏବଂ ବଜାରରେ ସହଜ ପ୍ରବେଶ ମିଳିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଜାତୀୟସ୍ତରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମିତା, ଉତ୍ପାଦନ ଏବଂ ଆତ୍ମନିର୍ଭରତା ଉପରେ ଗୁରୁତ୍ୱକୁ ପ୍ରଶଂସା କରିବା ସହ ପିଏମଇଜିପି, ମୁଦ୍ରା, ସିଜିଟିଏମଏସଇ, ଷ୍ଟାର୍ଟଅପ ଇଣ୍ଡିଆ, ଷ୍ଟାଣ୍ଡ-ଅପ ଇଣ୍ଡିଆ, ପିଏମ ବିଶ୍ୱକର୍ମା, ରାମ୍ପ ଏବଂ ଏମଏସଏମଇ ଚମ୍ପିଅନ କାର୍ଯ୍ୟକ୍ରମ ଭଳି ଯୋଜନାଗୁଡ଼ିକୁ ରାଜ୍ୟପାଳ ଉଲ୍ଲେଖ କରିଥିଲେ। କ୍ଲଷ୍ଟର ବିକାଶ, ସାଧାରଣ ଭିତିଭୂମି, ପ୍ରଯୁକ୍ତି ଅବଲମ୍ବନ, ଦକ୍ଷତା ବିକାଶ, ବଜାର ପ୍ରବେଶ, ଶିଳ୍ପ ପ୍ରଦର୍ଶନୀ ଏବଂ କ୍ରେତା-ବିକ୍ରେତା ମିଟିଂ ଆଦି କ୍ଷେତ୍ରରେ ଓଏଏସଏମଇର କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଏମଏସଏମଇ ଆନ୍ଦୋଳନକୁ ଓଡ଼ିଶାର ଅଭ୍ୟନ୍ତରୀଣ ଅଂଚଳରେ ପ୍ରସାରିତ କରିବା ପାଇଁ ଆହ୍ୱାନ ଦେଇ ରାଜ୍ୟପାଳ ସ୍ଥାନୀୟ ପରିବେଶ, ଶିଳ୍ପ କ୍ଲଷ୍ଟର, ସଂଯୋଗ, ଦକ୍ଷତା, ପୁଞ୍ଜି ଏବଂ ବଜାର ସଂଯୋଗକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏମଏସଏମଇଗୁଡ଼ିକୁ ଆଧୁନିକ ଯନ୍ତ୍ରପାତି, ଡିଜିଟାଲ୍ ଉପକରଣ, କୃତ୍ରିମ ବୁଦ୍ଧିମତା, ନବୀକରଣୀୟ ଶକ୍ତି, ଗୁଣବତା ପ୍ରମାଣପତ୍ର ଏବଂ ବର୍ଜ୍ୟବସ୍ତୁ ହ୍ରାସ ଗ୍ରହଣ କରି ଅଧିକ ଉତ୍ପାଦନଶୀଳ ଏବଂ ସ୍ଥାୟୀ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

## ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ଅନୁଦାନ ଅଂଶ ବୃଦ୍ଧି

**ଭୁବନେଶ୍ୱର,୧୯।୮ (ମହାଭାରତ):** ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ଓଡ଼ିଶାର ଅନୁଦାନ ଅଂଶ ହ୍ରାସ ପାଇଛି ବୋଲି ପ୍ରକାଶିତ ଖବର ପରିପ୍ରେକ୍ଷୀରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଉଛି ଯେ, ଓଡ଼ିଶାର ଅନୁଦାନ ଅଂଶ ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ସମୟରେ ୩.୭୨ ପ୍ରତିଶତ ଥିବାବେଳେ, ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନରେ ଏହା ୪.୩୦ ପ୍ରତିଶତକୁ ବୃଦ୍ଧି ପାଇଛି। ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷରେ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ମୋଟ ୧୮,୭୧୫ କୋଟି ଟଙ୍କା ଅନୁଦାନ ମିଳିବ। ଅନ୍ୟପକ୍ଷରେ, ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ୨୦୨୦-୨୧ରୁ ୨୦୨୫-୨୬ ପର୍ଯ୍ୟନ୍ତ ୬ ବର୍ଷରେ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ୧୧,୦୫୮ କୋଟି ଟଙ୍କା ଅନୁଦାନ ମିଳିଥିଲା। ଅର୍ଥାତ୍, ପଂଚଦଶ ଅର୍ଥ କମିଶନର ୬ ବର୍ଷର ଅନୁଦାନ ତୁଳନାରେ ଷୋଡ଼ଶ ଅର୍ଥ କମିଶନରେ ମାତ୍ର ୫ ବର୍ଷ ପାଇଁ ୧୮,୭୧୫ କୋଟି ଟଙ୍କା ଆବଂଟନ କରାଯାଇଛି। ବାର୍ଷିକ ହାରରେ ତୁଳନା କଲେ ମଧ ଅନୁଦାନରେ ଉଲ୍ଲେଖନୀୟ ବୃଦ୍ଧି ସ୍ପଷ୍ଟ ହେଉଛି। ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ସମୟରେ ଓଡ଼ିଶାକୁ ବାର୍ଷିକ ହାରାହାରି ପ୍ରାୟ ୧,୮୪୩ କୋଟି ଟଙ୍କା ମିଳିଥିବାବେଳେ, ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନରେ ଏହା ବାର୍ଷିକ ହାରାହାରି ପ୍ରାୟ ୩,୭୪୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍, ବାର୍ଷିକ ହାରାହାରି ଅନୁଦାନରେ ଦୁଇଗୁଣରୁ ଅଧିକ ବୃଦ୍ଧି ଘଟିଛି।

## ରକ୍ତଦାନ ସହ ଯୁବପୀଢ଼ିଙ୍କୁ ବାର୍ତ୍ତା



**ଭୁବନେଶ୍ୱର,୧୯।୮ (ମହାଭାରତ):** ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ "ସମାଜ ଓ ଉଇ ଫର ଭୁବନେଶ୍ୱର" ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ଅବସରରେ ସ୍ଥାନୀୟ କଳ୍ପନାସ୍ଥିତ ୪୫ ନମ୍ବର ୱାର୍ଡ କାର୍ଯ୍ୟାଳୟରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବ୍ୟକ୍ତିବିଶେଷ, ସମାଜସେବୀ, ରକ୍ତଦାତା, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହିବା ସହ ରକ୍ତଦାନ କରିଥିଲେ। ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ରକ୍ତଦାନ କରିବା ସହ ଯୁବପୀଢ଼ୀଙ୍କୁ ରାଷ୍ଟ୍ର ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବା ସହ ପୁଜ୍ୟପୂଜା, ନୈତିକ ମୂଲ୍ୟବୋଧ ପ୍ରମୁଖ ଉପରେ କାର୍ଯ୍ୟ କରିବାକୁ ମତ ରଖିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସମାଜ ଓ ଅନୁଷ୍ଠାନ ପକ୍ଷରୁ ଗୋପୀନାଥ ବାରିକ, ନରେନ ସାହୁ, କର୍ପୋରେଟର ଅମରେଶ ଜେନା, ସମାଜସେବୀ ସୁଶାନ୍ତ ସାହୁ, ହର ପ୍ରସାଦ ମହାପାତ୍ର, ମନୋଜ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ପ୍ରାୟ ୨୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଥିଲା।

## ହାତୀ ସଂରକ୍ଷଣ ପାଇଁ ବିଜ୍ଞାନ, ପ୍ରଯୁକ୍ତି ଓ ସମୁଦାୟ ସହଭାଗିତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୯।୮ (ମହାଭାରତ):** ବିଶ୍ୱ ହାତୀ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ବନ୍ୟପ୍ରାଣୀ ସଂଗଠନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ସେଭ୍ ଏଲିଫାଂଟ ଫାଉଣ୍ଡେସନ୍ ଟ୍ରଷ୍ଟ (ଏସ୍.ଇ.ଏଫ୍.ଟି.)ର ମିଳିତ ସହଯୋଗରେ ବୁଧବାର ଭୁବନେଶ୍ୱରସ୍ଥିତ ରିଜିଓନାଲ୍ ମ୍ୟୁଜିୟମ୍ ଅଫ୍ ନ୍ୟାଚୁରାଲ୍ ହିଷ୍ଟ୍ରିର ସଭାଗୃହରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ବିଜ୍ଞାନଭିତିକ, ପ୍ରଯୁକ୍ତି ସମର୍ଥିତ ଏବଂ ସମୁଦାୟକେନ୍ଦ୍ରିକ ଆଭିମୁଖ୍ୟ ମାଧ୍ୟମରେ ହାତୀ ସଂରକ୍ଷଣକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ହାତୀ ଆବାସସ୍ଥଳୀର ସୁରକ୍ଷା, ମାନବ-ହାତୀ ସଂଘର୍ଷ ହ୍ରାସ, ବିଦ୍ୟୁତ୍ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି, ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ଏବଂ ସମୁଦାୟର ଅଧିକ ଅଂଶଗ୍ରହଣ ଉପରେ ସେ ଗୁରୁତ୍ୱାରୋପ



କରିଥିଲେ। ମଣିଷ ଓ ହାତୀ ଉଭୟଙ୍କ ସୁରକ୍ଷା ତଥା ସ୍ଥାୟୀ ମାନବ-ହାତୀ ସହାବସ୍ଥାନ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସରକାରୀ ବିଭାଗ, ନିର୍ବାଚିତ ପ୍ରତିନିଧି, ଅଗ୍ରଭାଗରେ କାର୍ଯ୍ୟରତ କର୍ମଚାରୀ ଓ ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ମଧ ସେ ଗୁରୁତ୍ୱ ଦେଇଥିଲେ। ଗଜସାଥୀମାନଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁ ବୀମା ସୁବିଧା ପ୍ରଦାନ ନିମନ୍ତେ ସରକାର ସମସ୍ତ ସମ୍ଭାବ୍ୟ ବିକଳ୍ପ ଉପରେ ବିଚାର କରୁଥିବା ବିଷୟ ମଧ ମନ୍ତ୍ରୀ ଘୋଷଣା କରିଥିଲେ। ଗଜସାଥୀମାନେ ଓ ସେମାନଙ୍କ ପରିବାରର କଲ୍ୟାଣ ଓ ସୁରକ୍ଷା ପ୍ରତି ସରକାର ପ୍ରତିବଦ୍ଧ ଥିବା ଦର୍ଶାଇ ସେ କହିଥିଲେ ଯେ, ଅତ୍ୟନ୍ତ ସ୍ୱଳ୍ପ ବାର୍ଷିକ ପ୍ରିମିୟମରେ ଦୁର୍ଘଟଣାଜନିତ ମୃତ୍ୟୁ, ଅକ୍ଷମତା, ହସ୍ପିଟାଲରେ ଚିକିତ୍ସା, ଶିଶୁମାନଙ୍କ ଶିକ୍ଷା, ହସ୍ପିଟାଲ ଦୈନିକ ଭତା ଓ ପରିବାର ପରିବହନ ଭଳି ବିଭିନ୍ନ ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଏହି ବୀମା ବ୍ୟବସ୍ଥା ଏକ ଉପଯୋଗୀ ସାମାଜିକ ସୁରକ୍ଷା କବଚ ଭାବେ କାର୍ଯ୍ୟ କରିବ।

କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ଶ୍ରୀ ବାବୁ ସିଂ ଯୋଗଦେଇଥିଲେ। ଏଥିସହିତ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରବିଧାୟକ ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା), ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୋଳ), ଶ୍ରୀ ଅଶୋକ ମହାନ୍ତି (ପାଲଲହଡ଼ା), ଶ୍ରୀ ନଳିନୀକାନ୍ତ ପ୍ରଧାନ (ଆଠମଲ୍ଲିକ), ଶ୍ରୀ ଶତ୍ରୁଘ୍ନ ଜେନା (କାମାକ୍ଷାନଗର) ଏବଂ ଶ୍ରୀ ବିଭୂତି ଭୂଷଣ ପ୍ରଧାନ (ପର୍ଜଙ୍ଗ) ଯୋଗଦେଇ ହାତୀ ସଂରକ୍ଷଣ ଓ ମାନବ-ହାତୀ ସହାବସ୍ଥାନ ସମ୍ପର୍କରେ ନିଜ ମତାମତ ପ୍ରକାଶ କରିଥିଲେ।

ଏହି ଅବସରରେ ଅନୁକମ୍ପା ଯୋଜନା ଅଧୀନରେ ହାତୀ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଘର ନଷ୍ଟ ହୋଇଥିବା ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍.ଇ.ଏଫ୍.ଟିର ପ୍ରତିଷ୍ଠାତା, ପୂର୍ବତନ ଲୋକାୟୁକ୍ତ ସଦସ୍ୟ ତଥା ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଡ. ଦେବବ୍ରତ ସ୍ୱାଇଁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଡ. କେ. ମୁରୁଗେସନ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶ୍ରୀ ପ୍ରେମ କୁମାର ଝା ଯୋଗଦେଇ ହାତୀ ସଂରକ୍ଷଣ ଓ ମାନବ-ହାତୀ ସହାବସ୍ଥାନ ସମ୍ପର୍କରେ ନିଜ ଅଭିମତ ରଖିଥିଲେ।

## ୬୬ ପୋଲିସ ଅଧିକାରୀ ଓ ସରକାରୀ ଆଇନଜୀବୀ ସମ୍ମାନିତ

**ଭୁବନେଶ୍ୱର,୧୯।୮ (ମହାଭାରତ):** ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଅପରାଧିକ ମାମଲାରେ ସଫଳ ଦଣ୍ଡବିଧାନ ସୁନିଶ୍ଚିତ କରିବା ସହ ତଦନ୍ତ ଓ ଆଇନଗତ ପ୍ରକ୍ରିୟାରେ ଉତ୍କୃଷ୍ଟ ଅବଦାନ ପାଇଁ ଓଡ଼ିଶା ପୋଲିସର ଅଧିକାରୀ ଏବଂ ସରକାରୀ ଆଇନଜୀବୀଙ୍କୁ ବୁଧବାର ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଓଡ଼ିଶା ପୋଲିସ କ୍ରାଇମବ୍ରାଂଚ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ଦଣ୍ଡବିଧାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜିଲ୍ଲା ପୋଲିସ ଅଧିକ୍ଷକ, ତଦାରଖ ଅଧିକାରୀ, ସରକାରୀ ଆଇନଜୀବୀ ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମୋଟ ୬୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨୪ ଜଣ ତଦନ୍ତକାରୀ



ଅଧିକାରୀ, ୧୧ ଜଣ ତଦାରଖ ଅଧିକାରୀ, ୨୩ ଜଣ ସରକାରୀ ଆଇନଜୀବୀ ଏବଂ ୮ ଜଣ ଏସ୍‌ପି ଅଛନ୍ତି। ସମ୍ମାନିତ ଅଧିକାରୀମାନଙ୍କ ମଧ୍ୟରେ ଡ. ଉମା ଶଙ୍କର ଦାଶ, ଆଇପିଏସ, ଆଇଜିପି (ଗୃହରକ୍ଷୀ ଏବଂ ଅଗ୍ନିଶମ ସେବା), ଶ୍ରୀ ସ୍ମିଥ ପି. ପରମାର, ଆଇପିଏସ, ତତ୍କାଳୀନ ଏସପି, ଝାରସୁଗୁଡ଼ା, ଶ୍ରୀ ରୋହିତ ବର୍ମା, ଆଇପିଏସ, ଏସପି, କୋରାପୁଟ, ଶ୍ରୀ ହରିଶ ବି.ସି., ଆଇପିଏସ, ତତ୍କାଳୀନ ଏସପି, କନ୍ଧମାଳ, ଶ୍ରୀ ଶୁଭେନ୍ଦୁ କୁମାର ପାତ୍ର, ଆଇପିଏସ, ତତ୍କାଳୀନ ଏସପି, କନ୍ଧମାଳ, ଶ୍ରୀ ନିତିନ କୁଶଲକର, ଆଇପିଏସ, ଏସପି, କେନ୍ଦୁଝର, ଡ. ସରବଣା ବିବେକ ଏମ୍., ଆଇପିଏସ, ଏସପି, ବ୍ରହ୍ମପୁର, ଶ୍ରୀ ମୁକେଶ କୁମାର ଭାମୁ, ଆଇପିଏସ, ଏସପି , ସମ୍ବଲପୁର ଏବଂ ଶ୍ରୀ ରାହୁଲ ଗୋଏଲ, ଆଇପିଏସ, ପୂର୍ବତନ ଏସଡିପିଓ, ବାଲିଗୁଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରଶଂସା ପତ୍ର ଗ୍ରହଣ କରିଥିଲେ। ଏହା ସହ ଏହି ବିଭିନ୍ନ ଜିଲ୍ଲାର ତଦାରଖକାରୀ ଅଧିକାରୀ, ସରକାରୀ ଓକିଲ ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହରେ 'ନ୍ୟାୟ ସଂହିତା ପ୍ରଦର୍ଶନୀ-୨୦୨୬'ର ସଫଳ ଆୟୋଜନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ ପ୍ରଶଂସିତ କରାଯାଇଥିଲା। ନୂତନ ଅପରାଧିକ ଆଇନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଆଇନଗତ ସାକ୍ଷରତା ବୃଦ୍ଧି କରିବା ଦିଗରେ ପ୍ରଦର୍ଶନୀଟି ଏକ ଗୁରୁତ୍ୱପୂର୍ଣ୍ଣ ଜନସଚେତନତା ପଦକ୍ଷେପ ଥିଲା। ଏହି ଅବସରରେ ନିଜ ଅଭିଭାଷଣରେ ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ ୧ ଜୁଲାଇ ୨୦୨୪ରୁ ଲାଗୁ ହୋଇଥିବା ନୂତନ ଅପରାଧିକ ଆଇନଗୁଡ଼ିକ ଅପରାଧିକ ନ୍ୟାୟ ପ୍ରକ୍ରିୟାକୁ ଅଧିକ ପୀଡ଼ିତ-କେନ୍ଦ୍ରିକ, ଫୋରେନସିକ୍-ଆଧାରିତ ଏବଂ ସମୟ ସୀମା ମଧ୍ୟରେ ଶେଷ ହୋଇପାରୁଛି।

## ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ପଞ୍ଜୀକରଣ

**ଭୁବନେଶ୍ୱର,୧୯।୮ (ମହାଭାରତ):** ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସହଜ ଓ ସରଳ କରିବା ନିମନ୍ତେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି । ବର୍ତମାନ ଜାରି ରହିଥିବା ପ୍ରକ୍ରିୟାରେ ପ୍ରାୟ ୮୫ ହଜାର ଚାଷୀ ନିଜର ପଞ୍ଜିକରଣ କରାଇସାରିଲେଣି। ବର୍ତମାନ ରାଜ୍ୟରେ ପଞ୍ଜିକରଣ ପ୍ରକ୍ରିୟା ଅଗଷ୍ଟ ୬ ତାରିଖରୁ ଜାରି ରହିଛି ଏବଂ ଏହା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ବର୍ତମାନ ଜାରି ରହିଥିବା ପଞ୍ଜିକରଣ ପ୍ରକ୍ରିୟାରେ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି (ପାକସ୍), ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲାମ୍ପସ୍ ) ଏବଂ ପାଣି ପଂଚାୟତରେ ପଞ୍ଜିକରଣ କରିପାରିବେ । ବିନା ଶୁଳ୍କରେ ଚାଷୀମାନଙ୍କୁ ଏହି ପଞ୍ଜିକରଣ ଫର୍ମ ପ୍ରଦାନ କରାଯିବ । ସଂପୃକ୍ତ ଚାଷୀମାନେ ସେମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସବୁକ, ଜମି ରେକର୍ଡ, ଆବଶ୍ୟକ ସ୍ଥଳେ ଜମି ମାଲିକଙ୍କ ସମ୍ମତି ପତ୍ର ମଧ ଦାଖଲ କରିବେ । ପଞ୍ଜିକରଣର ସମୟରେ ସୋସାଇଟି ଚାଷୀଙ୍କ ଆଧାର ନମ୍ବର ଓ ମୋବାଇଲ ନଂ ଚ-ଚଇଫ ରେ ଦାଖଲ କରିବେ । ସୋସାଇଟି ଆଇରିସ ସ୍କାନର ମାଧ୍ୟମରେ ଇ- କେୱାଇସି ପ୍ରକ୍ରିୟା ଆରମ୍ଭ କରିବା ସହ ଚାଷୀଙ୍କର ପଞ୍ଜିକରଣ ପ୍ରକ୍ରିୟାକୁ ସମାପ୍ତ କରିବେ। ଚଳିତ ବର୍ଷର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ସୋସାଇଟିର କର୍ମଚାରୀ ମାନେ ଚାଷୀମାନଙ୍କୁ ନିଜ ପାଖରେ ବସାଇ ଏହି ପଞ୍ଜିକରଣ କରିବେ, ଯାହା ଦ୍ୱାରା ଦାଖଲ ହେଉଥିବା ସମସ୍ତ ତଥ୍ୟ ନିଜେ ଚାଷୀ ଜାଣିପାରିବେ । ଏଥି ସହ ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଆଧାର ନମ୍ବର, ନାମ ଓ ମୋବାଇଲ ନମ୍ବର,ପି -ପାସ୍ ଆବେଦନ ଫର୍ମରେ ଉଲ୍ଲେଖ କରାଯିବା ସହିତ ଜମି ମାଲିକଙ୍କ ସମ୍ମତି ପତ୍ରକୁ ପି-ପାସରେ ଅପଲୋଡ଼ କରାଯିବ । ଏହି କ୍ଷେତ୍ରରେ ଜମି ମାଲିକଙ୍କ ଇ-କେୱାଇସି ମଧ ସମ୍ପର୍ଣ୍ଣ କରାଯିବ । ଏତଦ୍ ବ୍ୟତୀତ, ଯଦି ନିଜ ବ୍ୟତୀତ ଅନ୍ୟ ଅଂଶୀଦାର ବା ଜମିର ରେଜିଷ୍ଟ୍ରେସନ କରୁଥାନ୍ତି ତେବେ ମଧ ଅନ୍ୟ ଅଂଶୀଦାରଙ୍କ ଦ୍ୱାରା ପ୍ରଦତ ସମ୍ମତି ପତ୍ରକୁ ମଧ ପି-ପାସରେ ଅପଲୋଡ଼ କରାଯିବ।

## ଖିମଜୀ ଗୋର୍ଖା ଏଡିସନ୍ ଉନ୍ମୋଚିତ

**ଭୁବନେଶ୍ୱର,୧୯।୮ (ମହାଭାରତ):** ବହୁ ପ୍ରତୀକ୍ଷିତ ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ ଖିମଜୀ ଅଟୋମୋବାଇଲ୍ସ ଏଲ୍‌ଏଲପି, ଫୁଲନଖରା, ଭୁବନେଶ୍ୱର ଓ ଜଗତସିଂହପୁର ଶୋ'ରୁମ୍ ଠାରେ ଉନ୍ମୋଚିତ ହୋଇଯାଇଛି ଯାହା ଏହି ଅଞ୍ଚଳର ଗ୍ରାହକମାନଙ୍କ ପାଇଁ ଆଇକନିକ୍ ମୋଟର ସାଇକେଲ୍‌ର ନୂତନ ୩୫୦ ସିସି ସିଙ୍ଗଲ ସିଲିଣ୍ଡର ଅବତାରର ଆଗମନକୁ ଦର୍ଶାଉଛି।

ଏହି ଉନ୍ମୋଚନ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ରଥୀଶ ନାୟାର ଓ ପ୍ରଫେସର ଫିଲିପ୍ ଏସ୍ କେରଳ ଭଳି ଅତିଥିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରଟି ଏପରି ଏକ ମୋଟର ସାଇକେଲ୍‌ର ଶୁଭାରମ୍ଭକୁ ପାଳନ କରିଥିଲା ଯାହା ରୟାଲ ଏନ୍‌ଫିଲ୍ଡର କାଳଜୟୀ ଐତିହ୍ୟକୁ ଆଗକୁ ନେବାସହ ଆଧୁନିକ ପ୍ରଦର୍ଶନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଛି। ରୟାଲ ଏନ୍ ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍ ହେଉଛି ଗୋର୍ଖା ରେଜିମେଣ୍ଟର ଅତୁଳନୀୟ ବୀରତ୍ୱ, ଐତିହ୍ୟ ଓ ଚିରନ୍ତନ ଆତ୍ମା ପ୍ରତି ଏକ ସ୍ମାରକୀ ଶ୍ରଦ୍ଧାଞ୍ଜଳି। ଏହି ମୋଟର ସାଇକେଲ୍‌ଟି ଗୋର୍ଖା ଭ୍ରାତୃତ୍ୱର ବୀର ଯବାନମାନଙ୍କ ପ୍ରତି ସମ୍ମାନ ଓ ପ୍ରଶଂସାର ପ୍ରତୀକ ଭାବରେ ପରିକଳ୍ପନା କରାଯାଇଛି।

## କିମସରେ ତୃତୀୟ ବାର୍ଷିକ ନେଫ୍ରୋଲୋଜି ସମ୍ମିଳନୀ ଆୟୋଜିତ

**ଭୁବନେଶ୍ୱର,୧୯।୮ (ମହାଭାରତ):** କିଡ୍‌ନୀ ଚିକିତ୍ସା କ୍ଷେତ୍ରରେ ନୂଆ ଉପଲବ୍ଧି, ଗବେଷଣା ଓ ଆଧୁନିକ ଚିକିତ୍ସା ପଦ୍ଧତି ନେଇ ଆଲୋଚନା ପାଇଁ ଭୁବନେଶ୍ୱର କିମସ ନେଫ୍ରୋଲୋଜି ବିଭାଗ ପକ୍ଷରୁ ତୃତୀୟ ବାର୍ଷିକ ନେଫ୍ରୋଲୋଜି ସମ୍ମିଳନୀ କେଏନସି ୩.୦ ଆୟୋଜିତ ହୋଇଛି। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରମୁଖ ଅନୁଷ୍ଠାନରୁ ବିଶିଷ୍ଟ ବିଶେଷଜ୍ଞ, ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦେଇ କିଡ୍‌ନୀ ଚିକିତ୍ସା କ୍ଷେତ୍ରର ସାଂପ୍ରତିକ ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଡଭାନସେସ ଇନ ନେଫ୍ରୋଲୋଜି ଆଣ୍ଡ କିଡ୍‌ନୀ କେୟାର' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ନେଫ୍ରୋଲୋଜି କ୍ଷେତ୍ରରେ ଉଦୀୟମାନ ନୂତନ ପ୍ରଯୁକ୍ତି, ଚିକିତ୍ସା ପଦ୍ଧତି ଓ ଆଧୁନିକ ଉଦ୍ଭାବନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଘାଟନୀ ଅଭିଭାଷଣ ଦେଇ ଡା. ନିକୁଞ୍ଜ କିଶୋର ରାଉତ କହିଲେ, ନେଫ୍ରୋଲୋଜି ବର୍ତ୍ତମାନ ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟ ଦେଇ ଗତି କରୁଛି। ପାରଂପରିକ ଡାଏଲିସିସ୍ ଓ କିଡ୍‌ନୀ ପ୍ରତିରୋପଣ ଚିକିତ୍ସାର ସୀମା ଟପି ଏହି କ୍ଷେତ୍ର ଏବେ ପ୍ରିସିଜନ୍ ମେଡିସିନ୍ ଏବଂ ପ୍ରଯୁକ୍ତିନିର୍ଭର ଚିକିତ୍ସା ଆଡ଼କୁ ଅଗ୍ରସର ହେଉଛି। ସେ ଜିନୋମିକ୍ସ, କୃତ୍ରିମ ବୁଦ୍ଧିମତ୍ତା, ନୂତନ ଇମ୍ୟୁନୋଥେରାପି, ନେକ୍ସଟ୍-ଜେନେରେସନ୍ ଡାଏଲିସିସ୍ ପ୍ରଯୁକ୍ତି ସହିତ ଏସଜିଏଲଟି୨ ଇନହିବିଟର୍ସ, ନନ୍-ଷ୍ଟେରଏଡାଲ୍ ଏମଆରଏ ଓ ଏଚଆଇଏଫ ଇନହିବିଟର୍ସ ଭଳି ନୂତନ ଔଷଧ ବର୍ଗର



ଅଗ୍ରଗତି ଚିକିତ୍ସା ପଦ୍ଧତିକୁ କିପରି ନୂଆ ଦିଗ ଦେଉଛି, ସେ ସଂପର୍କରେ ଆଲୋକପାତ କରିଥିଲେ। କେଏନସି ୩.୦ର ସାଇଣ୍ଟିଫିକ କାର୍ଯ୍ୟକ୍ରମରେ ନେଫ୍ରୋପାଥି ଓ ଲୁପସ୍ ନେଫ୍ରାଇଟିସ୍ ଭଳି ଗ୍ଲୋମେରୁଲାର ରୋଗ, ନେଫ୍ରୋଜେନେଟିକ୍ସ, କ୍ରୋନିକ୍ କିଡ୍‌ନୀ ଡିଜିଜ୍ ପରିଚାଳନାରେ ନୂତନ ପଦକ୍ଷେପ, ଟ୍ରାନ୍ସପ୍ଲାଣ୍ଟ ଇମ୍ୟୁନୋଲୋଜି ଏବଂ ନୂତନ ଚିକିତ୍ସା ପଦ୍ଧତି ଭଳି ବିଭିନ୍ନ ବିଷୟରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ପ୍ରମୁଖ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନରୁ ଖ୍ୟାତନାମା ବିଶେଷଜ୍ଞମାନେ ବକ୍ତା ଓ ଅଧ୍ୟକ୍ଷ ଭାବେ ଯୋଗଦେଇ ଅତ୍ୟାଧୁନିକ ଗବେଷଣା ଓ କ୍ଲିନିକାଲ୍ ଚିକିତ୍ସା ପଦ୍ଧତି ସଂପର୍କରେ ନିଜର ଅଭିଜ୍ଞତା ଓ ମତାମତ ରଖିଥିଲେ। ଉଦ୍‌ଘାଟନୀ ଅଧିବେଶନରେ କିମ୍ସ ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର.ଏନ୍. ସାମନ୍ତ, ଉପକୁଳପତି ଡା. ସି.ବି.କେ. ମହାନ୍ତି, ଡିନ୍ ଓ କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଆର.ସି. ଦାସଙ୍କ ସମେତ ବିଶିଷ୍ଟ ବକ୍ତା, ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## କ୍ରମ୍ପଟନ ମାଷ୍ଟରବ୍ରାଣ୍ଡ ଆଇଡେଣ୍ଟିଟି ଉନ୍ମୋଚିତ

**ଭୁବନେଶ୍ୱର,୧୯।୮ (ମହାଭାରତ):** କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍‌ଟ୍ରିକାଲ ଲିମିଟେଡ୍, ଯାହାକି ଭାରତର ଅଗ୍ରଣୀ ଗ୍ରାହକ ଇଲେକ୍‌ଟ୍ରିକାଲ କମ୍ପାନୀ ମଧ୍ୟରୁ ଅନ୍ୟତମ, ଆଜି ତାର ନୂତନ ମାଷ୍ଟର ବ୍ରାଣ୍ଡ ଆଇଡେଣ୍ଟିର ଉନ୍ମୋଚନ କରିଛି ଯାହା କ୍ରମ୍ପଟନ ୨.୦ର ଆଗାମୀ ଅଧ୍ୟାୟକୁ ସୂଚିତ କରୁଛି ତଥା କମ୍ପାନୀର ନବସୃଜନ-ଭିତ୍ତିକ ଏବଂ ଗ୍ରାହକ-କୈନ୍ଦ୍ରିକ ବ୍ୟବସାୟ ଆଡ଼କୁ ଏକ ରଣନୈତିକ ରୂପାନ୍ତର। ଗତ ଦଶନ୍ଧି ମଧ୍ୟରେ, କ୍ରମ୍ପଟନ ପ୍ରଯୁକ୍ତିବିଦ୍ୟା ଏବଂ ଉତ୍ପାଦ ନବସୃଜନରେ ଏହାର ନିରନ୍ତର ନିବେଶ ମାଧ୍ୟମରେ ତାର ମୂଳ ବର୍ଗଗୁଡ଼ିକରୁ ଆଗକୁ ବଢ଼ି ସମ୍ପ୍ରସାରିତ ହୋଇଛି। ଏହି ନୂତନ ବ୍ରାଣ୍ଡ ପରିଚୟ କମ୍ପାନୀର ବ୍ୟବସାୟିକ ବିକାଶକୁ ପ୍ରଦର୍ଶିତ କରିବା ସହିତ ଏକୀକୃତ ମଞ୍ଚ ସୃଷ୍ଟି ତଥା କମ୍ପାନୀର ପରବର୍ତ୍ତି ପର୍ଯ୍ୟାୟର ନବସୃଜନକାରୀ ସୁପରପ୍ରିମିୟମ ଏବଂ ଦୀର୍ଘକାଳୀନ ଅଭିବୃଦ୍ଧିକୁ ସହାୟତା କରୁଛି। କ୍ରମ୍ପଟନର ଏହି ସତେଜଭରା ନୂତନ ପରିଚୟର ମୂଳ ଆକର୍ଷଣ ହେଉଛି 'ସେଫାୟାର' (ଯାହାର ଉଚ୍ଚାରଣ ସାଫ୍-ଫାୟାର) ଯାହା କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍‌ଟ୍ରିକାଲ ଲିମିଟେଡ୍‌ର ନୂତନ ପ୍ରତୀକ ବା ଏମ୍ବଲେମ୍ ଏବଂ ଏହାର ପ୍ରାଥମିକ ଦୃଶ୍ୟମାନ ପରିଚୟ। ଏହି ସେଫାୟାର ନାମଟି ଦୁଇଟି ଶକ୍ତିଶାଳୀ ଉତ୍ସରୁ ପ୍ରେରଣାପ୍ରାପ୍ତ ହୋଇଛି ଯଥା -ନୀଳକାନ୍ତ ମଣିର ଗଭୀର, ସ୍ଥାୟୀ, ନୀଳରଙ୍ଗ ଏବଂ ଗ୍ରୀକ୍ ପବନ ଜେଫାଇରସର ମୃଦୁମୂଳ୍ୟ।

# ବିଶ୍ୱ ଉପରେ ଯୁଦ୍ଧର ପ୍ରଭାବ

ଯଦି ଗୋବର୍ଦ୍ଧନ ଯୋଜନା ସଫଳ ହେବ ତେବେ ଭାରତରେ ବାର୍ଷି ହାରାହାରି ୫ ବିଲିୟନ ଡଲାର ସଂଚିତ ହୋଇପାରିବ। କହିବା ବାହୁଲ୍ୟ ଯେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଛି। ଏହାର ପ୍ରଭାବରେ ଇନ୍ଧନ ସଙ୍କଟ ଅତି ଜଟିଳ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ହିଁ ତୈଳ ଉତ୍ପାଦନର କେନ୍ଦ୍ରସ୍ଥଳ। ଇରାନ ନିଜେ ଏକ ତୈଳ ସମୃଦ୍ଧ ରାଷ୍ଟ୍ର। ଏହା ଛଡ଼ା ସାଉଦୀ ଆରବ, ୟୁଏଇ, ଓମାନ, ବାହାରିନ, କୁଏଟ, କାଟାର ଇତ୍ୟାଦି ଜିସିସି ସଦସ୍ୟଭୁକ୍ତ ରାଷ୍ଟ୍ର ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ସେଠାରୁ ଉତ୍ପାଦିତ ତୈଳ ବିଶ୍ୱର ଅଧାରୁ ଅଧିକ ଅଞ୍ଚଳକୁ ରପ୍ତାନୀ ହୋଇଥାଏ। ଯୁଦ୍ଧ ଯୋଗୁ କେବଳ ତୈଳ ଉତ୍ପାଦନ ବ୍ୟାହତ ହୋଇନି, ତୈଳ ରପ୍ତାନୀ ମଧ୍ୟ ପ୍ରଭାବିତ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରୁ ଯେଉଁ ରୁଟ ଦେଇ ତୈଳ ସମୁଦ୍ର ପଥରେ ପରିବହନ ହୋଇଥାଏ ସେହି ରାସ୍ତାରେ ଇରାନ ଆକ୍ରମଣ କରୁଛି। ବିଶେଷ କରି ହରମୁଜ ପ୍ରଣାଳୀ ଦେଇ ପଶ୍ଚିମ ଏସିଆରୁ ଅଧିକାଂଶ ତୈଳବାହୀ ଜାହାଜ ଯାଇଥାଏ। ଯୁଦ୍ଧ ପୂର୍ବରୁ ଇରାନ ଧମକ ଦେଇଥିଲା ଯେ ଏହି ରୁଟକୁ ଅବରୋଧ କରିବ। ଏବେ ତାହା ହିଁ ହୋଇଛି। ହରମୁଜ ପ୍ରଣାଳୀ ଦେଇ ଯାଉଥିବା ପଣ୍ୟବାହୀ ଜାହାଜ ଉପରେ ଇରାନ ଆକ୍ରମଣ କରିବା ଫଳରେ ଏହି ପଥରେ ଜାହାଜ ଚଳାଚଳ ଏକରକମ ବନ୍ଦ ହୋଇଯାଇଛି। ଏହା ହିଁ ତୈଳ ସଙ୍କଟର ପ୍ରମୁଖ କାରଣ। ଏଥିରେ ଭାରତ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଭାରତରେ ଏବେ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଇନି କିମ୍ବା ଏହାର ଅଭାବ ଅନୁଭବ କରାଯାଉନି। କାରଣ ଭାରତରେ ପ୍ରଚୁର ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ଆଗକୁ କ'ଣ ହେବ ତାହା ଭିନ୍ନ କଥା। କିନ୍ତୁ ଏବେ ପେଟ୍ରୋଲ ଏବଂ ଡିଜେଲ ଅଭାବ ନାହିଁ। ବିଦେଶରୁ ଏଲପିଜି ବା ଗ୍ୟାସ ଟ୍ୟାଙ୍କର ଆସିବା ବନ୍ଦ ହୋଇଯିବାରୁ ଭାରତରେ ଏହାର ସଙ୍କଟ ଦେଖାଦେଇଛି। ଏଥିପାଇଁ ସରକାରଙ୍କୁ ଦୋଷ ଦେବା ଅନୁଚିତ। ଲୋକେ ଯେପରି ଆତଙ୍କିତ ହେଉଛନ୍ତି ସେଥିରେ ସଙ୍କଟ ଅଧିକ ଘନୀଭୂତ ହେବା ସ୍ୱାଭାବିକ। କିନ୍ତୁ ଲୋକେ ଅଯଥା ଛାନିଆ ହୋଇ ଗ୍ୟାସ ପାଇଁ ଡହଳ ବିକଳ ହେବା ଅନୁଚିତ। ଏବେ ବିକଳ୍ପ ଇନ୍ଧନ ଚିନ୍ତା କରିବାର ସମୟ ଆସିଛି। ପେଟ୍ରୋଲ ଏବଂ ଡିଜେଲ ବଦଳରେ ଅଧିକ ସଂଖ୍ୟାରେ ବିଦ୍ୟୁତ ଚାଳିତ ଗାଡ଼ି ବା ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଉଚିତ। ସେହିପରି ଏଲପିଜି ପରିବର୍ତ୍ତେ ଲୋକେ ଇର୍ଡକସନ ବ୍ୟବହାରକୁ ଆପଣାଇବା ଉଚିତ। ଏଲପିଜି ବ୍ୟବହାରକୁ ବନ୍ଦ କରାଯାଇପାରିବନି। କିନ୍ତୁ ଏହାକୁ ହ୍ରାସ କରାଯାଇପାରିବ। କିନ୍ତୁ କାଠଚୁଲା, କୋଇଲା ଏହାର ବିକଳ୍ପ ନୁହେଁ। ଏଲପିଜିର ଆଉ ଏକ ଭଲ ବିକଳ୍ପ ହେଲା ଗୋବର ଗ୍ୟାସ ବା ବାୟୋଗ୍ୟାସ। ବହୁ ବର୍ଷ ହେବ ଏହା ଉଦ୍ଭାବିତ ହେଲାଣି। କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ନଥିବାରୁ ଏହାକୁ ଲୋକେ କାର୍ଯ୍ୟକାରୀ କରୁ ନାହାଁନ୍ତି। କେବଳ ଗ୍ରାମାଞ୍ଚଳରେ ଏହାର ବ୍ୟବହାର ସୀମିତ ରହିଛି। ସହରାଞ୍ଚଳରେ ଗାଈ ଗୋରୁଙ୍କ ସଂଖ୍ୟା ଖୁବ କମ ଥିବାରୁ ଏଭଳି ହୋଇଛି। ଏବେ ସମୟ ଆସିଛି ଲୋକେ ପୁଣି ଗୋ ସମ୍ପଦକୁ ଆପଣାଇବା ଉଚିତ। ସେହିପରି ସୋଲାର ପାୱାରକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। ଘରେ ଘରେ ସୋଲାର ପାୱାର ଉତ୍ପାଦନ କରାଯାଇ ଏହା ମାଧ୍ୟମରେ ଇନ୍ଧନ ସଙ୍କଟକୁ ଦୂର କରାଯାଇପାରିବ। ଭାରତ ଭଳି ଏକ ଗ୍ରୀଷ୍ମପ୍ରଧାନ ଦେଶରେ ସୋଲାର ପାୱାର ଉତ୍ପାଦନ ବୃଦ୍ଧିର ବ୍ୟାପକ ସମ୍ଭାବନା ରହିଛି। ଏହା ଦ୍ୱାରା ଏଲପିଜି ଉପରେ ନିର୍ଭରଶୀଳତା ୫୦% ହ୍ରାସ ପାଇପାରିବ। ବିଦେଶରୁ ଏଲପିଜି କିଣିବାକୁ ଆଉ ବାଧ୍ୟବାଧକତା ପଡ଼ିବନି। ଆମ ଦେଶରେ ବି ଗ୍ୟାସ ଉତ୍ପାଦିତ ହେଉଛି। ବିଦେଶରୁ ଆଉ ଅଳ୍ପ କିଛି ଗ୍ୟାସ ଆମଦାନୀ କରିଲେ କାମ ଚଳିଯିବ।

# ଜୀବନ ସାଧନା : ଧ୍ୟାନ


॥ ଯଶସ୍ୱିନୀ ପଟ୍ଟନାୟକ ॥



> ଯଦିଓ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାହାର ନିଜର ସୁବିଧା ସମୟ ଉପରେ ଧ୍ୟାନ କରିବା ପାଇଁ ଛାଡ଼ି ଦିଆଯାଇଥାଏ, ଯେତେବେଳେ ସେ ବାହ୍ୟ ପରିସ୍ଥିତି ଦ୍ୱାରା ବହୁତ କମ୍ ବିଚଳିତ ହେଉଥାଏ, ତଥାପି ମଧ୍ୟ ଦିବସର କିଛି ସମୟ ଥାଏ ଯାହା ଧ୍ୟାନ କରିବା ନିମନ୍ତେ ଅନ୍ୟ ମୁହୂର୍ତ୍ତ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାଏ। ଏହା ସର୍ବଜନବିଦିତ ଯେ ପ୍ରାତଃ ସମୟର ମୁହୂର୍ତ୍ତ ସୂର୍ଯ୍ୟୋଦୟ ପୂର୍ବରୁ ଧ୍ୟାନ ପାଇଁ ବିଶେଷ ଫଳପ୍ରଦ ହୋଇଥାଏ। ତାହାର କାରଣ, ପ୍ରକୃତିର ସକ୍ରିୟ ଶକ୍ତି ରାଜି ଜାଗ୍ରତ ହୋଇନଥାନ୍ତି ଏବଂ ପରିବେଶରେ ଗୋଟିଏ ବିଶେଷ ଶାନ୍ତି ଅବସ୍ଥା ବିଦ୍ୟମାନ ଥାଏ।


ସାଧାରଣତଃ ଧ୍ୟାନ ଶବ୍ଦଟି ମନ ଭିତରେ ଉଙ୍କି ମାରିଲା ବେଳକୁ ଆମ୍ଭ ମାନଙ୍କ ଭିତରେ ଶାନ୍ତ ମୁଦ୍ରାରେ ନିରବ ପରିବେଶରେ ଜଣେ ସ୍ଥିତପ୍ରଜ୍ଞ ଭାବନା ସହ ବସିବାର ମୂର୍ତ୍ତିଟି ଭାସି ଆସେ। ଧ୍ୟାନ ଏପରି ଏକ ଅବସ୍ଥା ଯାହାକି ବ୍ୟସ୍ତପୂର୍ଣ୍ଣ ଜୀବନ ବା କର୍ମମୟ ଜଞ୍ଜାଳ ଭିତରେ ଏତେଟା ସହଜ ହୋଇନଥାଏ। ଧ୍ୟାନ ଆମ ସମସ୍ତଙ୍କ ପାଇଁ ଏକ ଅପରିହାର୍ଯ୍ୟ ଚେତନା। ଯୋଗ, ପ୍ରାଣାୟମ, ଆସନ ବା ବିଭିନ୍ନ ଆଧ୍ୟାତ୍ମିକ ଚେତନାର ଅନ୍ୟତମ ଶ୍ରେଷ୍ଠ ଅବସ୍ଥା ହେଉଛି ଧ୍ୟାନ। ଏ କଥା ସହଜରେ ବୁଝାଯାଏ ଯେ, ସମସ୍ତଙ୍କୁ ଧ୍ୟାନ କରିବାର ଆବଶ୍ୟକତା ନଥାଏ। ପ୍ରତ୍ୟେକଙ୍କର ନିଜସ୍ୱ ଧାରା ରହିଥାଏ - କେହି କେହି ଭକ୍ତି ଦ୍ୱାରା, କେହି କେହି ସଙ୍ଗୀତ ମାଧ୍ୟମରେ, ଅନ୍ୟ କେହି ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଅନ୍ୟ କେହି ନିଷ୍କାମ କର୍ମ ଦ୍ୱାରା ପଥଗୁଡ଼ିକ ଅନେକ। ଯେଉଁମାନଙ୍କର ପାଇଁ ଭଗବତ ଅନ୍ୱେଷଣ ପାଇଁ ଧ୍ୟାନ ସହାୟକ ହୋଇଥାଏ ସେମାନେ ଏହି କଥାଟି ନିଶ୍ଚିନ୍ତ ରୂପେ ଜାଣି ରଖିବା ଉଚିତ ଯେ, ଧ୍ୟାନ ନିଜ ଲକ୍ଷ୍ୟ ନୁହେଁ, ତେଣୁ ଘଣ୍ଟା ଘଣ୍ଟା କାଳ ମଧ୍ୟରେ ବାସିବା ଏହି ଉଦ୍ଦେଶ୍ୟ ପାଇଁ ଯଥାର୍ଥ ନୁହେଁ ଧ୍ୟାନର ଗୁଣବତ୍ତା ବାସ୍ତିବକ ଗୁରୁତ୍ୱପୂର୍ଣ୍ଣ କଥା ଅଟେ। ଯେଉଁମାନଙ୍କର ପଥ ଧ୍ୟାନ ମାଧ୍ୟମ ଦେଇଯିବାକୁ ହୋଇଥାଏ ଅଥବା ଅତିକମ୍‌ରେ ଏହା ତାଙ୍କ ସାଧନାର ଏକ ମୁଖ୍ୟ ଅଙ୍ଗ ହୋଇଥାଏ, ଏହାର ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ସେମାନେ ନିୟମିତ ଭାବେ ଧ୍ୟାନରେ ବସିବା ଉଚିତ। ଏକଥା କହିଲେ ଚଳିବ ନାହିଁ କି ଯେତେବେଳେ ପରିସ୍ଥିତି ଅନୁକୂଳ ଥିବ ଆମେ ସେତେବେଳେ ଧ୍ୟାନ କରିବା। ଗୋଟିଏ ଅନ୍ତରମୁଖି ଭାବର ଗତିବୃତ୍ତି କିମ୍ବା ଶାନ୍ତିର ଅବତରଣ କିମ୍ବା ଏକ ଉର୍ଦ୍ଧ୍ୱମୁଖୀ ଆକର୍ଷଣ। ସ୍ୱଭାବିକ ଭାବେ ଯେତେବେଳେ ସେହି ମୁହୂର୍ତ୍ତ ଗୁଡ଼ିକ ଆସିଥାଏ, ଜଣେ ତା'ପ୍ରତି ଧ୍ୟାନ ଦେଇଥାଏ, ଯଦି ସମ୍ଭବପର ହୁଏ ତେବେ ଅନ୍ୟ ସବୁ କର୍ମକୁ ପଛରେ ପକାଇ ତାକୁ ଆଗ କରିଥାଏ। ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ଜଣଙ୍କର ନିୟମିତ ଭାବେ ଧ୍ୟାନ କରିବାର ସମୟ ରଖାଯାଇଥିବା ଆବଶ୍ୟକ। ଜଣଙ୍କର ମନର ଅବସ୍ଥା ଭଲ ଅଛି କି ନାହିଁ, ସେ କଥା ଉପରେ ଆଦୌ ଗୁରୁତ୍ୱ ନଦେଇ, ଜଣେ ପ୍ରତ୍ୟେହ ନିର୍ଦ୍ଧାରିତ ସମୟରେ ଧ୍ୟାନରେ ବସିବା ଉଚିତ। ଏହି ନିୟମିତତା ଜଣକ ପ୍ରକୃତି ମଧ୍ୟରେ ଗ୍ରହଣଶୀଳତାର ଗୋଟିଏ ଅଭ୍ୟାସ ସେହି ନିର୍ଦ୍ଦିଷ୍ଟ ସମୟରେ ହିଁ ସୃଷ୍ଟି କରିଥାଏ ଏବଂ ଚେତନା ମଧ୍ୟରେ ଗୋଟିଏ ସ୍ୱତଃ ସ୍ଫୁର୍ତ୍ତ ଭାବେ ଏକାଗ୍ରତା ଭାବ ସୃଷ୍ଟି କରିଥାଏ। ଏହା କେବଳ ଜଣକ ପ୍ରକୃତି ମଧ୍ୟରେ ଆସିଥାଏ ତାହା ନୁହେଁ ପାରିପାର୍ଶ୍ୱିକ ବାତାବରଣରେ ମଧ୍ୟ ତାହା ସୃଷ୍ଟି ହୋଇଥାଏ। ସେଠାରେ ଗୋଟିଏ ଅଭ୍ୟାସ ସୃଷ୍ଟି ହୋଇଥାଏ, ଏହି ଆସ୍ପୃହାର ପ୍ରତି ଉତ୍ତର ଦେବା ନିମନ୍ତେ। ଏ କଥା ଦେଖାଯିବ ଯେ ସେହି ନିର୍ଦ୍ଦିଷ୍ଟ ସମୟରେ ଉର୍ଦ୍ଧ୍ୱସ୍ଥ କିଛି ଅବତରଣ ପାଇଁ ଅପେକ୍ଷା କରିଥାଏ, ସାଧକର ଗ୍ରହଣ ନିମନ୍ତେ।

ଯଦିଓ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାହାର ନିଜର ସୁବିଧା ସମୟ ଉପରେ ଧ୍ୟାନ କରିବା ପାଇଁ ଛାଡ଼ି ଦିଆଯାଇଥାଏ, ଯେତେବେଳେ ସେ ବାହ୍ୟ ପରିସ୍ଥିତି ଦ୍ୱାରା ବହୁତ କମ୍ ବିଚଳିତ ହେଉଥାଏ, ତଥାପି ମଧ୍ୟ ଦିବସର କିଛି ସମୟ ଥାଏ ଯାହା ଧ୍ୟାନ କରିବା ନିମନ୍ତେ ଅନ୍ୟ ମୁହୂର୍ତ୍ତ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାଏ। ଏହା ସର୍ବଜନବିଦିତ ଯେ ପ୍ରାତଃ ସମୟର ମୁହୂର୍ତ୍ତ ସୂର୍ଯ୍ୟୋଦୟ ପୂର୍ବରୁ ଧ୍ୟାନ ପାଇଁ ବିଶେଷ ଫଳପ୍ରଦ ହୋଇଥାଏ। ତାହାର କାରଣ, ପ୍ରକୃତିର ସକ୍ରିୟ ଶକ୍ତି ରାଜି ଜାଗ୍ରତ ହୋଇନଥାନ୍ତି ଏବଂ ପରିବେଶରେ ଗୋଟିଏ ବିଶେଷ ଶାନ୍ତି ଅବସ୍ଥା ବିଦ୍ୟମାନ ଥାଏ। ସେହିପରି ଭାବେ ପ୍ରଦୋଷ ସମୟ, ଯେତେବେଳେ ସୂର୍ଯ୍ୟ ଅସ୍ତ ହେଉଥାନ୍ତି, ଯେଉଁ ସମୟରେ କି ପ୍ରକୃତିର କ୍ରିୟାଶୀଳ ଶକ୍ତିରାଜି ନିଶ୍ଚଳତା ମଧ୍ୟକୁ ଅପସରି ଯାଉଥାନ୍ତି। ଏ କଥା ମଧ୍ୟ ସତ୍ୟ ଯେ, ଦିବସ ଓ ରାତ୍ରିର ମିଳନ ସମୟ, ମଧ୍ୟରାତ୍ରିର ମୁହୂର୍ତ୍ତ, ଧ୍ୟାନ ନିମନ୍ତେ ଅତ୍ୟନ୍ତ ଶକ୍ତିଶାଳୀ ମୁହୂର୍ତ୍ତ ଅଟେ। ଇହୁଦୀମାନଙ୍କର ଗୋଟିଏ ପରମ୍ପରା ଗତ ଉପଦେଶ ଅଟେ ଯେ, ଏହି ମୁହୂର୍ତ୍ତଟି ଗଭୀର ପ୍ରାର୍ଥନା ନିମନ୍ତେ ଅତ୍ୟନ୍ତ ଉପଯୋଗୀ ସମୟ ଅଟେ। ସେହିପରି ଭାବେ ମଧ୍ୟାହ୍ନ ସମୟ ମଧ୍ୟ ଧ୍ୟାନ ନିମନ୍ତେ ଅତ୍ୟନ୍ତ ସହାୟକ ଅଟେ। ଏପରି ନୁହେଁ ଯେ ଏହି ମୁହୂର୍ତ୍ତଗୁଡ଼ିକରେ ଜଣେ କେବଳ ଧ୍ୟାନ କରିବ କୌଣସି ଗୋଟିଏ ବିଶେଷ ମୁହୂର୍ତ୍ତରେ ଅଥବା ସବୁଗୁଡ଼ିକରେ। ଧ୍ୟାନ ପାଇଁ ସର୍ବପ୍ରଥମେ ଅପରିହାର୍ଯ୍ୟ ଆବଶ୍ୟକତା ହେଉଛି ମନକୁ ବିକ୍ଷିପ୍ତ ନକରି ସଂପୂର୍ଣ୍ଣ ରୂପେ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ର ଉପରେ ଧାରଣ ରଖିବା। ଧ୍ୟାନ ପାଇଁ ସର୍ବ ଶ୍ରେଷ୍ଠ ସମୟ ହେଉଛି ବ୍ରାହ୍ମ ମୁହୂର୍ତ୍ତ ବା ପ୍ରତ୍ୟୁଷ। ଅନେକ ସମୟରେ ଜଣେ ଜଣେ ଧ୍ୟାନକୁ ନେଇ ଅନେକ ଜ୍ଞାନଗର୍ଭକ ଉପଦେଶ ଦେଇଥାନ୍ତି। ତେବେ ମୂଳ ଆଉ ବାସ୍ତବ କଥା ହେଉଛି ଧ୍ୟାନଟା ଏତେ ସହଜ ନୁହେଁ ଯାହାକୁ ଅନେକ ସହଜ ବୋଲି ଭାବିଥାନ୍ତି। କାରଣ ଧ୍ୟାନରେ ବସିବା ପରେ ବା ଜଣେ ନିୟମିତ ଧ୍ୟାନ କରୁଥିବା ବ୍ୟକ୍ତି ସାଧାରଣ ଜୀବନ ଯାପନର ମଣିଷ ହୋଇପାରିନଥାନ୍ତି। ସେମାନଙ୍କ ବ୍ୟକ୍ତିତ୍ୱ ଆଧ୍ୟାତ୍ମିକ ସାଧନା ଅସାଧାରଣ ହୋଇଥାଏ। ଧ୍ୟାନ କରିବା ପାଇଁ ନିଶ୍ଚିନ୍ତ ଭାବେ ଜଣେ ମାର୍ଗଦର୍ଶକ ଆବଶ୍ୟକ ପଡ଼ିଥାନ୍ତି ଯାହାଙ୍କ ତତ୍ତ୍ୱାବଧାନ ଏବଂ ଆଧ୍ୟାତ୍ମିକ ଦିଗଦର୍ଶନ ହିଁ ଧ୍ୟାନର ମୂଳ ଓ ମୁଖ୍ୟ ମାର୍ଗରେ ପହଞ୍ଚାଇ ପାରିବ। ଧ୍ୟାନର ପ୍ରଥମ ଓ ମୁଖ୍ୟ ଅବଲମ୍ବନ ହେଉଛି ମନକୁ ବିକ୍ଷିପ୍ତରୁ ବା ବିଚଳିତରୁ ମୁକ୍ତ ରଖି ଏକ ଦୃଢ଼ ଚିତ୍ତର ସହ ଏକ କେନ୍ଦ୍ର ଉପରେ ନିମଗ୍ନ ରଖିବା। ବିଚଳିତ ମନ, ଶାରୀରିକ ଅକ୍ଷମତା, ଆଳସ୍ୟ, ନିଶାଗ୍ରସ୍ତତା ବା କୋଳାହଳପୂର୍ଣ୍ଣ ପରିବେଶ ଏସବୁ ହେଉଛି ଧ୍ୟାନ ପାଇଁ ସଂପୂର୍ଣ୍ଣ ପ୍ରତିକୂଳତା। ଜଣେ କ୍ଷୁଧାତୁର ଅବସ୍ଥାରେ ଧ୍ୟାନ କରିପାରିବ ନାହିଁ କିମ୍ବା ଜଣେ ଅତ୍ୟାଧିକ ଭୋଜନ କରି ଧ୍ୟାନ ମଧ୍ୟ କରିପାରିବ ନାହିଁ। ଅନେକ କୁହନ୍ତି ଯେ ଧ୍ୟାନ ପାଇଁ ପାହାଡ଼, ପର୍ବତ, ନଦୀକୂଳ, ଘୋର ଅରଣ୍ୟ ଏସବୁ ସ୍ଥାନ ଆବଶ୍ୟକ। ଉତ୍ତର ହେଉଛି ଏହା ଆବଶ୍ୟକତା ହୋଇପାରେ କିନ୍ତୁ ଧ୍ୟାନ ପାଇଁ ଶ୍ରେଷ୍ଠ ସମୟ ହେଉଛି ବ୍ରାହ୍ମ ମୁହୂର୍ତ୍ତ। ଯେତେବେଳେ ସମ୍ପୂର୍ଣ୍ଣ ପରିବେଶ ଅତ୍ୟନ୍ତ ନିର୍ମଳ ଓ କୋଳାହଳ ଠାରୁ ଦୂରେଇବା ସହ ପ୍ରକୃତିର ଏକ ନୈସର୍ଗିକ ମୁହୂର୍ତ୍ତ ସୃଷ୍ଟି ହୋଇଥାଏ। ଜଣେ ରୁଗଣ ହୋଇଥିଲେ ବା ବିଚଳିତ ଅବସ୍ଥାରେ ଥିଲେ ସେ ଧ୍ୟାନର ଅ ଅକ୍ଷରକୁ ମଧ୍ୟ ବୁଝିବା ପାଇଁ ଅସମର୍ଥ ହୋଇଥାଏ। ଧ୍ୟାନ ପାଇଁ କୌଣସି ଅର୍ଥ ଆବଶ୍ୟକ ପଡ଼ିନଥାଏ। ଏହା ଏପରି ଏକ ସାଧନ ଜଣେ ବିନା ମୂଲ୍ୟରେ କେବଳ ନିଜ ଜୀବନକୁ ନୁହେଁ ନିଜ ପରିବାର ଓ ଆଖପାଖର ପରିଚିତ ଲୋକ ମାନଙ୍କୁ ଈଶ୍ୱରାଭିମୁଖୀ ଆନନ୍ଦ ପ୍ରାପ୍ତ ହେବା ପାଇଁ ପରିବେଶ ସୃଷ୍ଟି କରିଥାଏ। ଧ୍ୟାନ ପାଇଁ କୌଣସି ବଡ଼ ବଡ଼ ଶିକ୍ଷାକେନ୍ଦ୍ର ବା କୌଣସି ଆଡ଼ମ୍ବର ପଦାର୍ଥର ଆବଶ୍ୟକ ପଡ଼ିନଥାଏ। କେବଳ ଦୃଢ଼ ମାନସିକ ଇଚ୍ଛାଶକ୍ତି ଦ୍ୱାରା ଜଣେ ଏହାକୁ ସାଧନ କରିପାରେ। ଯାହାକି ଜଣଙ୍କ ବ୍ୟକ୍ତିତ୍ୱକୁ ଏପରି ସ୍ତରରେ ପହଞ୍ଚାଇଥାଏ ତାହା ଦିବ୍ୟାନନ୍ଦ ସଦୃଶ। ସବୁରି ମୂଳରେ ରହିଛି ଦୃଢ଼ ଇଚ୍ଛାଶକ୍ତି। ଜଣେ ଯେ କୌଣସି ମୁହୂର୍ତ୍ତଟିଏ ବାଛିଲେ ମଧ୍ୟ ସେ ସମୟରେ ଧ୍ୟାନ କରିପାରୁଥିବା ଉଚିତ। କିନ୍ତୁ ସେହିପରି କରିବା ନିମନ୍ତେ ସକ୍ଷମ ହେବାକୁ ହେଲେ ଜଣେ ଧ୍ୟାନର ଶୃଙ୍ଖଳାଟିକୁ ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟହ ଅନୁସରଣ କରୁଥିବା ଦରକାର। ଏହି ଅଭ୍ୟାସଟି କୌଣସି, କୌଣସି କ୍ଷେତ୍ରରେ ଜଣକ ମଧ୍ୟରେ ନିରନ୍ତର ଏକ ଧ୍ୟାନର ଅବସ୍ଥାକୁ ବହନ କରି ଚାଲିଥାଏ। ସେହି ସମୟରେ ନିୟମିତ ଧ୍ୟାନ ଆସନର ଆବଶ୍ୟକତା ପଡ଼ିନଥାଏ, ଯଦିଓ ଜଣେ ଏକାଗ୍ରତାର ମୁହୂର୍ତ୍ତ ପାଇଁ ସମୟ କାଢ଼ିବା ଆବଶ୍ୟକ, ନିଜର ସାଧନା ନିମନ୍ତେ ଅଥବା ଅନ୍ୟମାନଙ୍କର ପ୍ରଗତି ନିମନ୍ତେ।


ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,


# ଜଣା ପଡ଼େ ନାହିଁ ଟାଣେ ପଇସା


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୮୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାଲର୍ଡ଼ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି - 'ପିଲାମାନଙ୍କୁ ତମାଖୁ ଶିଳ୍ପ ହସ୍ତକ୍ଷେପରୁ ରକ୍ଷା କରିବା।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ। ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି। ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨-୨୦%)। ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ। ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି। ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା ।


ଦୂରଭାଷ : ୯୪୩୭୦୫୧୯୫୭


# ଯେଉଁଠି ଥିଲି ସେଇଠି


॥ ଅନୀତା ପଟ୍ଟନାୟକ ॥


ମୃଣାଳିନୀ ଓ ମୁଁ ଆମେ ଦୁହେଁ ପିଲାଦିନର ବନ୍ଧୁ। ମୃଣାଳିନୀ, ମନ୍ଦିର ସାଧୁସନ୍ଥ, ଅବତାରତ୍ୱ ଓ ଆତ୍ମଘୋଷିତ ବାବା ମାନଙ୍କ ଉପରେ ଗବେଷଣା କରିବାକୁ ଭାରି ଭଲ ପାଉଥିଲା। ଦୁଇଦିନ ତଳେ ମତେ ଉତ୍ତରପ୍ରଦେଶରୁ ଫୋନ ଯୋଗେ କହିଲା 'ମୀରା ତୁମେ ଟିଭି ଦେଖିଛ, ଜଣେ ଆତ୍ମଘୋଷିତ ବାବାଙ୍କର ପଦରଜ ନେବାକୁ ଯାଇ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ମଧ୍ୟରେ ଠେଲାପେଲାରେ ୧୨୨ ଜଣଙ୍କର ମୃତ୍ୟୁ ଘଟିଛି'। ମୁଁ କହିଲି ହଁ ଦେଖିଛି। ଏହା ଏକ ଅତ୍ୟନ୍ତ ଦୁଃଖଦ ଖବର। ସେ ମତେ କହିଲା ଆମେ ଅନେକଥର ମିଶି ପୁରୀ ରଥଯାତ୍ରା ବୁଲି ଯାଇଛେ। ଯଦି ସୁଯୋଗ ମିଳେ ମୁଁ ତତେ ନେଇ ପୁରୀ ରଥଯାତ୍ରା ଦେଖିବାକୁ ଯିବି। ମୁଁ କହିଲି ଭାରତର ରାଷ୍ଟ୍ରପତି ଏଥର ରଥଯାତ୍ରାକୁ ଆସୁଥିବାରୁ ଶାନ୍ତି ଶୃଙ୍ଖଳାର କଡ଼ା ବ୍ୟବସ୍ଥା କରାଯାଇଛି। ମୃଣାଳିନୀ କହିଲା, ମୁଁ ଖବର ରଖିଛି, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିଦେବା ପରେ ଭିତରେ ଦଳାଚକଟା ହୋଇଥିଲା କେତେ ଲୋକ ଆଘାତପ୍ରାପ୍ତ ହୋଇଥିଲେ ବା ମୃତ୍ୟୁ ବରଣ କରିଥିଲେ ମତେ ଜଣାଇବୁ।

ମୃଣାଳିନୀର କଥା ଶୁଣି ମୋର ଠାକୁରଘରେ ଥିବା ଜଗନ୍ନାଥଙ୍କ ଫଟୋକୁ ଚାହିଁଲି କ୍ଷଣିକ ପାଇଁ ଭାବିଲି ଏପରି କାହିଁକି ଘଟୁଛି ? ଅନ୍ତରରୁ କେହି ଜଣେ ଉତ୍ତର ଦେବା ପରି କହିଲେ 'ମୀରା ତୁମେ ଭାବିଦେଖ ତୁମେ କଣ ଥିଲ, କଣ ବର୍ତ୍ତମାନ ହୋଇଛ ଓ ଭବିଷ୍ୟତରେ କଣ ହେବ।' ହଠାତ୍ ମୋର ମନେପଡ଼ିଲା ମୋର ବାପା କିପରି ମତେ ଜଣେ ଗଣିତଜ୍ଞ କରିବାକୁ ଚାହୁଁଥିଲେ। ଏପରିକି ସେ ଜଣେ ଗଣିତ ଶିକ୍ଷକଙ୍କୁ ମୋର ଗଣିତ ଶିକ୍ଷା ପାଇଁ ପାଞ୍ଚ ହଜାର ଟଙ୍କା ଅଗ୍ରୀମ ଦେଇଥିଲେ। ମୁଁ କହିଲି ବାପା ମତେ ସାମାନ୍ୟ ହିସାବ ଆସୁନାହିଁ। ବଜାରକୁ ପଠାଇଲେ ଠିକ ଭାବରେ ହିସାବ କରି ତୁମକୁ ମୁଁ ସଠିକ ପଇସା ଫେରାଇ ପାରୁନାହିଁ। ମୋର ଦେଢ଼ଟଙ୍କା, ଅଢ଼େଇଟଙ୍କା ମଧ୍ୟରେ ଭ୍ରମ ସୃଷ୍ଟି ହେଉଛି। ଶୂନ ବସାଇବା ସମୟରେ ଆଗରେ ବସାଇବି ବା ପଛରେ ବସାଇବି ମୁଁ ଜାଣିପାରୁନାହିଁ। ଏପରି ଅବସ୍ଥାରେ ମୁଁ ଗଣିତଜ୍ଞ ହେବି କିପରି ? ବାପା କଣ ଭାବିଲେ କେଜାଣି କହିଲେ ହେଉ ତୋର ଯାହା ଇଚ୍ଛା ତାହା କର। ଓ ଗଣିତ ଶିକ୍ଷକଙ୍କ ଠାରୁ ଅଗ୍ରୀମ ପାଞ୍ଚହଜାର ଟଙ୍କା ଫେରାଇ ଆଣିଥିଲେ। ମୁଁ ଏବେ ବି ଦେଖୁଛି ମୁଁ ଗଣିତରେ ଆଗରୁ ଯାହାଥିଲି ଏବେ ବି ତାହା ଅଛି।

ଭଗବାନ ସର୍ବତ୍ର ବିଦ୍ୟମାନ, ସେ ସମସ୍ତଙ୍କ ହୃଦୟରେ ବାସ କରନ୍ତି। ସମସ୍ତଙ୍କୁ ଭଲପାଅ, ସମସ୍ତଙ୍କର ସେବା କର, କାହାର ଅନିଷ୍ଟ କରନାହିଁ, ମଧୁର ସ୍ୱରରେ ବାକ୍ୟାଳାପ କର। ଏ ସବୁ ଜଗନ୍ନାଥ ସଂସ୍କୃତିରୁ ଆମେ ଶିଖିଥିଲେ ମଧ୍ୟ ମୁଁ ଦେଖୁଛି ମୋର ଯେପରି ଗଣିତଜ୍ଞ ହେବା ନୋହିଲା ଓ ମୁଁ ଯେଉଁଠାରେ ଥିଲି ସେହିପରି ଅଛି। ଠିକ ସେହିପରି ପ୍ରଭୁ ଜଗନ୍ନାଥଙ୍କର ସଂସ୍କୃତି ବିଷୟରେ ଜାଣିବା ପରେ ମଧ୍ୟ ଆମେ ପରସ୍ପରକୁ ଭଲପାଇ ପାରୁନୁ। ସମସ୍ତଙ୍କ ମଧ୍ୟରେ ଭଗବାନଙ୍କୁ ଦେଖି ପାରୁନୁ କର୍କଶ ସ୍ୱରରେ ବାକ୍ୟାଳାପ କରୁଛୁ। ପରର ସେବାତ ଦୂରର କଥା ମୁଁ ଓ ମୋର କୁ ନେଇ ଜୀବନ ଅତିବାହିତ କରୁଛୁ। ତେଣୁ ମୁଁ ଯେଉଁଠି ଥିଲି ବର୍ତ୍ତମାନ ଯାହାଅଛି ଓ ଭବିଷ୍ୟତରେ ଯେ ମୋର ପରିବର୍ତ୍ତନ ହେବ ତାହା ବିଶ୍ୱାସ କରିପାରୁନାହିଁ। ମୋର ଜଗନ୍ନାଥଙ୍କ ଫଟୋରୁ ସତେ ଯେପରି ମତେ କେହି କହିବାକୁ ଲାଗିଲା, ମୀରା ତୁମେ ଭଗବାନଙ୍କର ଦୁଃଖ କ'ଣ ଜାଣିଚ ? ମୁଁ କହିଲି ନା ଦେବ ସର୍ବଦା ଆନନ୍ଦମୟ। ସେ ଦୁଃଖି ହୋଇନପାରନ୍ତି। ଏ ବିଷୟରେ ମନେ ପଡ଼େ ସିନା ଜଗନ୍ନାଥ ପ୍ରକୃତରେ କିପରି ଆମର ଆଚରଣ ଦ୍ୱାରା ଆନନ୍ଦିତ ହେବେ ତାହା ମୋର ମନେ ରହେ ନାହିଁ। ସମସ୍ତଙ୍କ ଭିତରେ ଭଗବାନ ଅଛନ୍ତି ଏହା ଆମେ ଭୁଲିଯାଇଥାଉ। ନିଜ ନିଜ ଭିତରେ ପ୍ରତିଯୋଗୀତା କରି ଶୃଙ୍ଖଳା ଭାଙ୍ଗି, ଦଳା ଚକଟା ହେଉ ଓ ମୃତ୍ୟୁ ବରଣ କରୁ ଓ ଶେଷରେ ମୋ ପ୍ରଭୁ ଜଗନ୍ନାଥଙ୍କୁ ଦୋଷାରୋପ କରୁ। ମୁଁ ଭଗବାନଙ୍କୁ ପ୍ରଶ୍ନ କଲି ଯଦି ମୁଁ ଯେଉଁଠି ଥିଲି, ତାହା ଅଛି ଓ ଭବିଷ୍ୟତରେ ତାହା ରହିବି, ଏତେ ମନ୍ଦିର, ମଠ, ସାଧୁସନ୍ଥଙ୍କ ଆଗମନ ଓ ଦଶବତାରଙ୍କ ଆଗମନ ଓ ମୋର ବନ୍ଧୁର ଏତେ ଗବେଷଣା ଏ ସବୁ କାହିଁକି ? ଜଗନ୍ନାଥ ଉତ୍ତର ରଖି କହିଲେ, ମୋର ଦୁଃଖ କଣ ଜାଣ ଜନ୍ମ ଜନ୍ମାନ୍ତରରେ ମନୁଷ୍ୟ ଜିତିଯାଏ ଓ ଖେଳରେ ମୁଁ ହିଁ ପରାଜୟ ବରଣ କରିଥାଏ। ତୋ ଜଗନ୍ନାଥ ଖେଳରେ କେବେ ବି ଜିତି ନାହାଁନ୍ତି ସବୁବେଳେ ହାରିଯାଇଛନ୍ତି। ତୁ କ'ଣ ଦେଖୁ ନାହୁଁ ମତେ ସୁଧାରିବାକୁ ଦଶ ଅବତାର ନେବାକୁ ପଡ଼ିଲା। ମନ୍ଦିର ସଦଗୁରୁ, ସାଧୁସନ୍ଥଙ୍କୁ ମଝିରେ ମଝିରେ ପ୍ରେରଣ କରିବାକୁ ପଡ଼ିଲା। ଲୋକେ ତୋର ବନ୍ଧ ମୃଣାଳିନୀ ପରି ଗବେଷଣା ଜାରି ରଖିଛନ୍ତି ଓ ରଖିବେ ମଧ୍ୟ। ମୁଁ ଗୀତାରେ କହିଛି ଯୁଗେ ଯୁଗେ ଧର୍ମର ରକ୍ଷା ପାଇଁ ଅବତାର ଗ୍ରହଣ କରିବି ହେଲେ ମୀରା ମୁଁ ହାରି ଯାଉଛି। ଲୋକେ ଯେପରି ଥିଲେ ସେପରି ଅଛନ୍ତି। ତେଣୁ ଏ ଦଳା ଚକଟା ଆଜି ନୂଆ ନୁହେଁ ଏ ମୃତ୍ୟୁ ବରଣ କରିବା କିଛି ନୂଆ ନୁହେଁ। ମତେ ଥରେ ଖେଳରେ ଜିତାଇଦେ ଲୋକଙ୍କୁ ହୃଦୟଙ୍ଗମ କରାଇଦେ ଯେ ମୁଁ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ସମସ୍ତଙ୍କୁ ପ୍ରେମ କର, ସମସ୍ତଙ୍କର ସେବାକର ଓ କାହାରି ଅନିଷ୍ଟ କରନାହିଁ। ଦେଖିଲି ମୁଁ ଫୁଲ ଜରିଆରେ ଫିଙ୍ଗିଥିବା ପାଣି ଜଗନ୍ନାଥଙ୍କ ଆଖିରୁ ଦି ଟୋପା ଲୁହ ଝରୁଥିବା ପରି ଦେଖାଗଲା।


ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୮୦୦୨୬

# ପଦ୍ମଶ୍ରୀ ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ୧୨୪ତମ ଜୟନ୍ତୀ ପାଳିତ



ପାରଳାଖେମୁଣ୍ଡି(ମହାଭାରତ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସଦରମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଶିଷ୍ଟ ସାହିତ୍ୟିକ, ଐତିହାସିକ ତଥା ଗବେଷକ ପଦ୍ମଶ୍ରୀ ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ୧୨୪ତମ ଜୟନ୍ତୀ ସ୍ମୃତି ସଂସଦର ସଭାପତି ଉପାନ୍ତ ପ୍ରହରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଶ୍ରଦ୍ଧା ଓ ସମ୍ମାନର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ଜଗନ୍ନାଥ ସଂସ୍କୃତି ଗବେଷକ,ପୁରୀ ଡ଼ଃ ସିଦ୍ଧେଶ୍ୱର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ଆରକ୍ଷୀ ମହାନିରୀକ୍ଷକ ଶ୍ରୀ ସୁବାସ ଚନ୍ଦ୍ର ଜମାଦାର, ସମ୍ମାନୀତ ଅତିଥି ଭାବେ ଗୁରୁକୁଳ ଆଶ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଶଶିକାନ୍ତ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ମଙ୍ଗରାଜ,ସ୍ମୃତି ସଂସଦର ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ଏହି ଅବସରରେ ଡଃ ରାଜଗୁରୁଙ୍କ ଓଡ଼ିଆ ସାହିତ୍ୟ, ଇତିହାସ, ପ୍ରତ୍ନତତ୍ତ୍ୱ ଓ ଗବେଷଣା କ୍ଷେତ୍ରକୁ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତାଙ୍କର ଅମୂଲ୍ୟ କୃତି ଓ ଗବେଷଣାମୂଳକ କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାତଃ ସମୟରେ ପୁରୁଣା କୋର୍ଟ ଛକଠାରେ ଥିବା ଡ଼ଃ ସତ୍ୟନାରାୟଣ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ପାରଳାର ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# କୁକୁର କାମୁଡାରେ ୪ ଆହତ

କପ୍ତିପଦା -(ମହାଭାରତ )ଉଦଳା ବଜାର ରେ ବୁଲା କୁକୁର ଆତଙ୍କ। ବୁଲା କୁକୁର କାମୁଡିବା ଫଳରେ ୪ ଜଣ ପଥଚାରି ଆହତ ହୋଇଛନ୍ତି। ଆହତ ମାନେ ଉଦଳା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଉଦଳା ସତସଙ୍ଗ ଛକ ଓ ପରିବା ବଜାର ଛକ ନିକଟରେ ବୁଲା କୁକୁର ଥିଲେ। ଏହି ସମୟରେ ବିଭିନ୍ନ ଅଞ୍ଚଳ ରୁ ଉଦଳା ଆସୁଥିବା ଲୋକଙ୍କୁ ଅଚାନକ କୁକୁର ଆକ୍ରମଣ କରିଥିଲେ। ଯେଉଁଥିରେ ବିଭିନ୍ନ ସ୍ଥାନରୁ ୪ ଜଣଙ୍କୁ କୁକୁର କାମୁଡ଼ିଥିବା ବେଳେ ସେମାନେ ଗୁରୁତର ଆହତ ହୋଇ ଉଦଳା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ବୁଲା କୁକୁର ଙ୍କ ଆତଙ୍କ ରେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଉଦଳା ଜନସାଧାରଣ।

# ମଦ ପିଇବାକୁ କେନ୍ଦ୍ର କରି ଦୁଇ ଯୁବକ ମଧ୍ୟରେ ମାରପିଟ ଜଣେ ଗୁରୁତର

ଆସିକା (ମହାଭାରତ): ଆସିକା କଲେଜ ଛକରେ ମଦ ପିଇବାକୁ କେନ୍ଦ୍ର କରି ଦୁଇ ଯୁବକ ମଧ୍ୟରେ ମାରପିଟ ଜଣେ ଗୁରୁତର । ଗତକାଲି ରାତ୍ର ୮ଘଣ୍ଟ ସମୟରେ ଆସିକା କୋଟିନଡ଼ା ଥାନା ଅଧୀନ କଲେଜ ଛକ ଠାରେ ମଦ ପିଇବକୁ କେନ୍ଦ୍ର କରି ପ୍ରତାପ କୁମାର ସିୟ ଓ କାଳିଆ ନାହାକ ମଧ୍ୟରେ ସାଧାରଣ କଥାକୁ ନେଉ ବାଚାସା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉଗ୍ରରୂପ ଧାରଣ କରିଥିଲା। ହଠାତ କାଳିଆ ନାହାକ ଉତକ୍ଷିପ୍ତ ହୋଇ ସେ ପିଉଥିବା ଏକ ବିୟର ବୋତଲ ଭାଙ୍ଗି ଅତର୍କିତ ଭାବେ ପ୍ରତାପ ସିୟକୁ ଆକ୍ରମଣ କରିଥିଲା. ଏହି ଆକ୍ରମଣରେ ପ୍ରତାପ ର ହାତ, ଡେଣା ଶରୀରର ବିଭିନ୍ନ ଅଂଶରେ ଗୁରୁତର ଆଘାତ ହୋଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରତାପ ଘଟଣା ସ୍ଥଳରେ ପଡ଼ି ରହିଥିଲା ବେଳେ ସେଠାରେ ଉପସ୍ଥିତ କିଛି ସାହସୀ ଯୁବକ ପ୍ରତାପ କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସାପରେ ଅବସ୍ଥା ଗୁରୁତର ହେବାରୁ ପ୍ରତାପକୁ ବ୍ରହ୍ମପୁର ସ୍ଥାନାନତରିତ କରାଯାଇଛି।ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଥାଉକି କଲେଜ ଛକ ଅଞ୍ଚଳରେ ଅସାମାଜିକ ଙ୍କ ଉପଦ୍ରବ ଦିନକୁ ଦିନ ବଢୁଛି।

# ତିନି ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ




ଧାମନଗର :(ମହାଭାରତ)ଭଦ୍ରକ ବ୍ଲକ ଅନ୍ତର୍ଗତ ପି ଏମ୍ ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଚୁନିଦାର ଶିକ୍ଷୟତ୍ରୀ ଶ୍ରୀମତୀ ଡଲି ସାହୁ, ଶ୍ରୀମତୀ ସ୍ମିତାରାଣୀ ବେହେରା ଓ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ନାୟକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅପରାହ୍ନରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଭୀମଚରଣ ପରିଡ଼ାଙ୍କ ସଞ୍ଚାଳନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଇନ୍ଦ୍ର ଗୋବିନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଖଗେଶ୍ୱର ଜେନା, ଯୋଗ ଦେଇଥିବା ବେଳେ ଉକ୍ତ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମଇନୁଦ୍ଦିନ ଖାଁ, ମାନସ କୁମାର ରାଉତ,ଶିଳ୍ପପତି ଗୌରୀ ଗୋପାଳ ଜେନା, ଶ୍ରୀଯୁକ୍ତ ରଙ୍କଚରଣ ଜେନା, ଶ୍ରୀଯୁକ୍ତ ଅଭିରାମ ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ କବିତା ପରିଡ଼ା,ଶ୍ରୀମତି ଚିନ୍ମୟୀ ଦୀକ୍ଷିତ, ଶ୍ରୀଯୁକ୍ତ ତାରିଣୀ ପ୍ରସାଦ ଦାସ, ନିଶିକାନ୍ତ ଦାସ, ନାଗରାଜ ରେଡ୍ଡୀ ସୁଧାଂଶୁ ଶେଖର ସାହୁ, ଶ୍ରୀଯୁକ୍ତ ଅଶୋକ ପଣ୍ଡା, ବିଜୟ କୁମାର ଜେନା, ଶ୍ରୀମତୀ ପ୍ରଭାସିନୀ ପଣ୍ଡା, ପ୍ରଜ୍ଞାପରମିତା ମହାପାତ୍ର, ଦୀପାରାଣୀ ଗିରି,ବିଭୁସ୍ମିତ ବାରିକ୍,ସୁଶ୍ରୀ ଶୁଭଶ୍ରୀ ସ୍ୱାଇଁ, ସୁଶ୍ରୀ ସଙ୍ଗୀତା ରାଉତ୍,ଓ ଶିକ୍ଷା କର୍ମଚାରୀ,ବାଦଲ କୁମାର ଦାସ, ତୁଷାର ଜେନା, ମଝରୁଲ ଇସଲାମ ଖାନ୍, ପ୍ରମୁଖ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ନୀତି ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ମାଧ୍ୟମରେ ଭୂୟସୀ ପ୍ର ଶଂସା କରି ଥି ଲେ । ଏହି ଅବସର ସରରେ ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ସହ ବିଦ୍ୟାଳୟ ପକ୍ଷରୁ ବିଦାୟୀ ଶିକ୍ଷକ , ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ବହୁ ଶୁଭେଚ୍ଛୁ ବକ୍ତବ୍ୟ ମାଧ୍ୟମରେ ତାଙ୍କ ସୁଗୁଣଗାନ କରିଥିଲେ। ପରିଶେଷରେ ଶିକ୍ଷୟତ୍ରୀ ଶ୍ରୀମତୀ ଶୋଭାରାଣୀ ବାରିକ୍ ସଭିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଯାଜପୁରରେ ବନ୍ୟା ପରିସ୍ଥିତି

## ୧୦ଟି ବ୍ଲକ୍ ପ୍ରଭାବିତ, ୧.୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତରିତ

**ବ୍ୟାସନଗର,(ମହାଭାରତ)**

ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ଗୁରୁତର ରହିଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଝଜଉ)ଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ୧୦ଟି ବ୍ଲକ୍ ?ର ୧୧୭ଟି ଗ୍ରାମ ପଞ୍ଚାୟତ/ସହରାଞ୍ଚଳ ଏବଂ ୩୪୫ଟି ଗାଁର ପ୍ରାୟ ୩ ଲକ୍ଷ ୯୮ ହଜାରରୁ ଊର୍ଦ୍ଧ୍ୱ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ବିଶେଷକରି ଦଶରଥପୁର ଓ ବରୀ ବ୍ଲକ୍ ?ର ସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ରହିଛି।ତରପଦା ପଞ୍ଚାୟତର ପାଟଣା ଗାଁ ନିକଟରେ କାଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧରେ ହୋଇଥିବା ଘାଇ ଏବଂ ଜରୀ ପଞ୍ଚାୟତର ନଉବାଙ୍କ ନିକଟରେ ବୈତରଣୀ ନଦୀର ଘାଇ ଦେଇ ବନ୍ୟା ଜଳ ଗ୍ରାମାଞ୍ଚଳକୁ ପ୍ରବେଶ କରୁଛି। ଏହା ଯୋଗୁଁ ପ୍ରାୟ ୯୭,୫୫୫ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଥିବା ବେଳେ ୮ଟି ଗାଁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଏଥିସହିତ ୬୮ଟି ରାସ୍ତା ଓ ପୋଲ ବନ୍ୟା ଜଳରେ ବୁଡ଼ି ରହିଥିବାରୁ ଗମନାଗମନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।ବନ୍ୟା ପ୍ରଭାବିତ ଅଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ୧,୧୪,୬୯୫ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୧୧ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ସେମାନଙ୍କ ପାଇଁ ୨୮୮ଟି ମାଗଣା କିଚେନ୍ ସେଣ୍ଟର ମାଧ୍ୟମରେ ୧.୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ରିଲିଫ୍ ସାମଗ୍ରୀ ଭାବେ ୧୦୦ କ୍ୱିଣ୍ଟାଲ ଚୁଡ଼ା, ୧୦ କ୍ୱିଣ୍ଟାଲ ଗୁଡ଼ ଓ ୨୮୦ ପଲିଥିନ୍ ରୋଲ୍ ବଣ୍ଟନ କରାଯାଇଛି।ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩ଟି ଓଡ୍ରାଫ୍ ଟିମ୍, ୨ଟି ଘଉଜର ଟିମ୍, ୧୨ଟି ଅଗ୍ନିଶମ ସେବା ଟିମ୍ ଏବଂ ୧୪ଟି ମୋଟର ବୋଟ୍ ନିୟୋଜିତ କରାଯାଇଛି।ବନ୍ୟା ଯୋଗୁଁ ଜିଲ୍ଲାର



୧୮,୬୪୨ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ବେଳେ ୧.୫୮ ଲକ୍ଷରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି। ପ୍ରାଣୀସେବା ପାଇଁ ୧୨ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ ହୋଇ ଏପର୍ଯ୍ୟନ୍ତ ୬୮୦ଟି ପଶୁଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି।ବନ୍ୟାରେ ୨,୬୭୪ଟି ଟ୍ୟୁବୱେଲ୍ ଓ ୧୮ଟି ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରଭାବିତ ହୋଇଥିବାରୁ ପ୍ରଶାସନ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ମୋବାଇଲ୍ ମେଡିକାଲ୍ ଟିମ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ପ୍ରାଥମିକତା ଦିଆଯାଉଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଦ୍ୱାରା ୨୪ ଘଣ୍ଟିଆ ସ୍ଥିତି ଅନୁଧ୍ୟାନ କରାଯାଉଛି।ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଆଜି ଅପରାହ୍ନରେ ଦଶରଥପୁର ବ୍ଲକ୍ ?ର ଡୋଭାବିଲ, କମଳପୁର ସମେତ ଅନ୍ୟାନ୍ୟ ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ସାମଗ୍ରୀ, ଶୁଖିଲା ଓ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଗୋଖାଦ୍ୟ, ପଲିଥିନ୍ ଏବଂ ସ୍ୱାସ୍ଥ୍ୟସେବା ଯୋଗାଣର ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲା ଜରୁରୀ କାଳିନ ଅଧିକାରୀ ଅଶୋକ କୁମାର ବେହେରା ଜିଲ୍ଲା ନିୟନ୍ତ୍ରଣ କକ୍ଷ ପରିଚାଳନା କରୁଛନ୍ତି।ବନ୍ୟା ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକ ସେବା ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ସ୍ଥାନାନ୍ତର, ରିଲିଫ୍ ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି।

# ଇନ୍ଦ୍ରଦ୍ୟୁମ୍ନରେ ମାଛ ମଡ଼କ: ପରୀକ୍ଷା ପାଇଁ 'ସିଫା'କୁ ଗଲା ନମୁନା

**ପୁରୀ,:**

ଶ୍ୱେତଗଙ୍ଗା ପରେ ଇନ୍ଦ୍ରଦ୍ୟୁମ୍ନରେ ମାଛ ମଡ଼କ। ଲକ୍ଷଲକ୍ଷ ପର୍ଯ୍ୟଟକ ବର୍ଷସାରା ଯେଉଁ ପାଣିକୁ ତୀର୍ଥଜଳ ବୋଲି ସିଞ୍ଚି ହେଉଛନ୍ତି, ସ୍ନାନ କରୁଛନ୍ତି ସେ ପାଣି ମାଛଙ୍କ ପାଇଁ ଅସୁରକ୍ଷିତ। ସପ୍ତାହେ ହେଲା ମହାନ୍ତିସାହି କୋଣରେ କିଛି ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ତୀର୍ଥ ଜଳରାଶି ଯେ ପ୍ରଦୂଷିତ, ତାହା ପୁଳାପୁଳା ମାଛ ମରି ଭାସିବା ପରେ ସ୍ପଷ୍ଟ ହୋଇଛି। ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ ପକ୍ଷରୁ ଅଧିକାରୀମାନେ ଯାଇ ମାଛର ନମୁନା ସଂଗ୍ରହ କରି ସିଫା (ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫ୍ରେସୱାର୍ଟ ଆକ୍ୱାକଲ୍‌ଚର)କୁ ପଠାଇଛନ୍ତି। ରିପୋର୍ଟ ଆସିବା ପରେ ମାଛ ମଡ଼କର କାରଣ ସ୍ପଷ୍ଟ ହେବ। ମାଛମାନେ କୌଣସି ରୋଗ ଯୋଗୁଁ ମରୁଛନ୍ତି, ନା ପାଣିର ମାନ ମାଛଙ୍କ ପାଇଁ ବିପଦ ସାଜିଛି, ତାହା ଏବେ ବଡ଼ ପ୍ରଶ୍ନ। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପାରିପାର୍ଶ୍ୱିକ ବିକାଶ ହେଲା ସତ, କିନ୍ତୁ ପାଣିର ବିଶୋଧନ ପାଇଁ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଏହି ତୀର୍ଥ ସରୋବରର ପାଣିରେ ନୀଳ ଆସ୍ତରଣ ଜମିଗଲାଣି। କିଛିମାସ ତଳେ ଶ୍ୱେତଗଙ୍ଗାରେ ମଧ୍ୟ ସମାନ ଅବସ୍ଥା ଉପୁଜିଥିଲା। ଶ୍ୱେତଗଙ୍ଗା ପୁଷ୍କରିଣୀରେ ଅମ୍ଳଜାନ ପରିମାଣ ହ୍ରାସ ମାଛ ମରିବାର ପ୍ରମୁଖ କାରଣ ବୋଲି ଜଣାପଡ଼ିଥିଲା। ଏହାବ୍ୟତୀତ ପୁଷ୍କରିଣୀର ଜଳରାଶିରେ ନାଇଟ୍ରୋଜେନ୍ ଓ ଡିଜଲ୍‌ଭ ଫସଫେଟ୍ ଆବଶ୍ୟକତାଠାରୁ ଅଧିକ ରହିଥିବା ସ୍ପଷ୍ଟ ହୋଇଥିଲା। ପଞ୍ଚତୀର୍ଥ ପୁଷ୍କରିଣୀ ମଧ୍ୟରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଐତିହ୍ୟ ବହୁ ପ୍ରାଚୀନ। କିଂବଦନ୍ତି ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ମହାରାଜା ସହସ୍ର ଅଶ୍ୱମେଧ ଯଜ୍ଞ କରିବା ସମୟରେ ଅସଂଖ୍ୟ ଗୋଦାନ କରିଥିଲେ। ସେଇ ଗୋରୁମାନଙ୍କ ଖୁରା ବାଜି ଗର୍ତ୍ତ ସୃଷ୍ଟି ହୋଇଥିଲା। ଗୋମୂତ୍ର ଦ୍ୱାରା ସେଠାରେ ଏକ ପୁଷ୍କରିଣୀ ସୃଷ୍ଟି ହୋଇଥିଲା। ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ସ୍ମୃତି ଦର୍ପଣ, ନୀଳାଦ୍ରି ମହୋଦୟ ଆଦି ଗ୍ରନ୍ଥରେ ଇନ୍ଦ୍ରଦ୍ୟୁମ୍ନ ସରୋବରରର ମାହାତ୍ମ୍ୟ ବର୍ଣ୍ଣନା ରହିଛି। ୪୮୫ ଫୁଟ ଦୈର୍ଘ୍ୟ ଓ ୩୯୬ ଫୁଟ ପ୍ରସ୍ଥ ବିଶିଷ୍ଟ ପୁଷ୍କରିଣୀ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀ ମଧ୍ୟରେ ସର୍ବ ପୁଣ୍ୟପଦ ତୀର୍ଥ ଭାବେ ବିଦିତ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କଲେ ମନୁଷ୍ୟ ସହସ୍ର ଯଜ୍ଞର ଫଳଭାଗୀ ହୁଏ। ପିଣ୍ଡଦାନ କଲେ



କୁଳ ଉଦ୍ଧାର ହେବା ସହ ମନୁଷ୍ୟ ବ୍ରହ୍ମଲୋକକୁ ଗମନ କରେ ବୋଲି ଉଲ୍ଲେଖ ରହିଛି। ତୀର୍ଥ ପୁଷ୍କରିଣୀର ମହତ୍ତ୍ୱକୁ ଉପଲବ୍ଧି କରି ପାରିପାର୍ଶ୍ୱିକ ଉନ୍ନତୀକରଣ କରାଯାଇଛି। ମାତ୍ର ଜଳ ବିଶୋଧନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏବେ ମଧ୍ୟ ପ୍ରତିଦିନ ଶହଶହ ଲୋକେ ଏଥିରେ ସ୍ନାନ କରନ୍ତି। ପ୍ରତିଦିନ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନେ ଏହି ସରୋବରରେ ସ୍ନାନ କରି ମହାପ୍ରଭୁଙ୍କୁ ଦର୍ଶନ କରନ୍ତି।ଅନ୍ତତଃ ଭକ୍ତ ଓ ସ୍ଥାନୀୟ ବାସିନ୍ଦାମାନଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହି ସରୋବରର ବିଶୋଧନ ଜରୁରି ବୋଲି ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ଏନେଇ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ କହିଛନ୍ତି, ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବର ପାଇବା ପରେ ଏଏଫ୍‌ଓ ପ୍ରଭାତ ମିଶ୍ର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ନିକଟକୁ ଯାଇ ସ୍ଥିତି ନିରୀକ୍ଷଣ କରିଥିଲେ। ଏଥିସହ ମରିଥିବା ମାଛକୁ ନମୁନା ଭାବେ ସିଫାକୁ ପଠାଯାଇଛି। ସପ୍ତାହେ ମଧ୍ୟରେ ରିପୋର୍ଟ ଆସିବା ପରେ ମାଛ ମରିବାର କାରଣ ସ୍ପଷ୍ଟ ହୋଇପାରିବ ବୋଲି ସେ କହିଛନ୍ତି।

# ଇଫକୋ ପାରାଦୀପ ୟୁନିଟ ପରିସରରେ ଅନ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍



ପାରାଦୀପ,(ମହାଭାରତ): ଜଗତସିଂହପୁର ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଏବଂ ଜିଲ୍ଲା କ୍ରାଇସିସ୍ ଗ୍ରୁପ୍ (ଡିସିଜି) ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁଯାୟୀ,ଇଫକୋ ପାରାଦୀପ ୟୁନିଟ୍ ପରିସରରେ ବୁଧବାର ଦିନ ଏକ ଅନ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଏହି ମକ୍ ଡ୍ରିଲ୍‌ରେ ଏନଏଚ-୩ ନିକଟସ୍ଥ ଷ୍ଟୋରେଜ୍ ଅଞ୍ଚଳରୁ ଡିଏପି ପ୍ଲାଣ୍ଟକୁ ସଂଯୋଗ କରୁଥିବା ୮ ଇଞ୍ଚ ବ୍ୟାସର ଟ୍ରାନ୍ସଫର୍ ପାଇପ୍‌ଲାଇନ୍‌ରୁ ତରଳ ଆମୋନିଆ ଲିକ୍ ହେବାର ଏକ କଳ୍ପିତ ପରିସ୍ଥିତିକୁ ଆଧାର କରାଯାଇ ମକ୍ ଡ୍ରିଲ୍ ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଳ୍ପିତ ଜରୁରୀକାଳୀନ ପରିସ୍ଥିତି,ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗ ଓ ଅଂଶଗ୍ରହଣକାରୀ ସଂସ୍ଥାଗୁଡ଼ିକର ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଜରୁରୀକାଳୀନ ପରିସ୍ଥିତି ସମୟରେ ଇଫକୋର ଫାୟାର୍ ଆଣ୍ଡ ସେଫ୍ଟି ବିଭାଗ ପ୍ରଭାବିତ ଅଞ୍ଚଳକୁ ଖାଲି କରିବା ସହ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିଲା। ପାଣି ସିଞ୍ଚନ ଏବଂ କଳ୍ପିତ ଲିକେଜ୍ ସ୍ଥାନ ଚାରିପାଖରେ ୱାଟର୍ କର୍ଟେନ୍ ସୃଷ୍ଟି କରି ଲିକେଜ୍‌କୁ ନିୟନ୍ତ୍ରଣ କରାଯାଇଥିଲା। ଫାୟାର୍ ଆଣ୍ଡ ସେଫ୍ଟି,ମେଡିକାଲ୍,ମେଣ୍ଟେନାନ୍ସ,ପ୍ରଡକ୍ସନ୍ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ତତ୍ପରତାର ସହ ପ୍ରତିକ୍ରିୟା ଜଣାଇ ଜରୁରୀକାଳୀନ ପରିସ୍ଥିତି ମୁକାବିଲାରେ ସମନ୍ୱିତ କ୍ଷମତାର ପ୍ରଦର୍ଶନ କରିଥିଲେ। ମକ୍ ଡ୍ରିଲ୍ ?ରେ ମ୍ୟୁଚୁଆଲ୍ ଏଡ୍ ସ୍କିମ୍ର ମଧ୍ୟ ଏକ ପ୍ରଭାବଶାଳୀ ପ୍ରଦର୍ଶନ କରାଯାଇଥିଲା। ଏହା ଅନ୍ତର୍ଗତ ଆଇଓସିଏଲ ପାରାଦୀପ ରିଫାଇନେରୀ, ପିପିଏଲ, ସିଆଇଏସଏଫ ଫାୟାର୍ ୱିଙ୍ଗ୍,ପାରାଦୀପ ପୋର୍ଟ ଅଥରିଟି ଏବଂ ଏଏମ/ଏନଏସ ପକ୍ଷରୁ ଫାୟାର୍ ଟେଣ୍ଡର୍ ଓ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଘଟଣାସ୍ଥଳରେ ପହଞ୍ଚି ଜରୁରୀକାଳୀନ ପରିସ୍ଥିତି ନିୟନ୍ତ୍ରଣରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମକ୍ ଡ୍ରିଲ୍‌ର ସଫଳ ଆୟୋଜନକୁ ପ୍ରଶଂସା କରିବା ସହ ଏଭଳି ଅଭ୍ୟାସରେ ସମସ୍ତ ଡିସିଜି ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ମାଧ୍ୟମରେ ପରସ୍ପରଠାରୁ ଶିକ୍ଷା ଗ୍ରହଣ କରିବା ସହ ଜରୁରୀକାଳୀନ ପରିସ୍ଥିତି ମୁକାବିଲାର ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରାଯାଇପାରିବ ବୋଲି ସେ କହିଥିଲେ। ଏଥିସହ ଟାଉନସିପ୍ ବାସିନ୍ଦା ଓ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଶିଳ୍ପ ଜରୁରୀକାଳୀନ ପରିସ୍ଥିତି ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ପାରାଦୀପ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ସି.ଏସ.ବେହେରା ଠିକା ସଂସ୍ଥା ଏବଂ ସେମାନଙ୍କ କର୍ମଚାରୀମାନଙ୍କୁ ନିୟମିତ ଜରୁରୀକାଳୀନ ସଚେତନତା ଓ ପ୍ରଶିକ୍ଷଣ ପ୍ରଦାନ କରିବା ଆବଶ୍ୟକ ବୋଲି କହିଥିଲେ,ଯାହା ଦ୍ୱାରା ଜରୁରୀ ପରିସ୍ଥିତିରେ ସେମାନେ ପ୍ରଭାବଶାଳୀ ଭାବେ ପ୍ରତିକ୍ରିୟା ଜଣାଇପାରିବେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଫକୋ ମେଣ୍ଟେନାନ୍ସ ବିଭାଗ ର ମହାପ୍ରବନ୍ଧକ ଏ.ଏନ. ଓଝା, ଫାୟାର ଆଣ୍ଡ ସେଫଟି ମହାପ୍ରବନ୍ଧକ ଆର.କେ.ସ୍ୱାଇଁ, କୁଜଙ୍ଗ ଫାୟାର ଷ୍ଟେସନ ଅଧିକାରୀ ବିଶ୍ୱଜିତ ରାଉତ, ପିପିଏଲ, ପାରାଦୀପ ବନ୍ଦର, ସିଆଇଏସଏଫ,ଜିଏଆଇଏଲ, ବିପିସିଏଲ, ଆଇଓଲ, ଓଡିଶା ଫାୟାର ସର୍ଭିସ,ଗୋଆ କାର୍ବନ ଙ୍କ ସମେତ ବିଭିନ୍ନ ମ୍ୟୁଚୁଆଲ୍ ଏଡ୍ ଶିଳ୍ପ ସଂସ୍ଥାର ଅଧିକାରୀ ଓ ଶିଳ୍ପ ସଂସ୍ଥାର ସୁରକ୍ଷା ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ନୂଆଁରମ୍ଭେଲା-ଗୁମଲୋଇ ପୂର୍ତ୍ତବିଭାଗ ରାସ୍ତା ଶୋଚନୀୟ

## କାର୍ଯ୍ୟକାରୀ ହେଉନି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ସମ୍ବଲପୁର,:**ସମ୍ବଲପୁର ଜିଲ୍ଲାର ରେଙ୍ଗାଲିବ୍ଲକ ଅନ୍ତର୍ଗତ ନୂଆଁରମ୍ଭେଲା ରୁ ଗୁମଲୋଇ କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ବର୍ଷାଧିକ କାଳ ହେଲା ଅତି ଶୋଚନୀୟ ଅବସ୍ଥା ରେ ଅସଂଖ୍ୟ ଖାଲଖମା ରେ ପରିପୂର୍ଣ୍ଣ ହୋଇ ପଡି ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି କି ନବୀକରଣ କରୁନାହାନ୍ତି। ସବୁଠାର ବିଡମ୍ବନାର ବିଷୟ ଯେ ଗତ ୨ମାସ ତଳେ ରେଙ୍ଗାଲିବ୍ଲକ ରେ ଅନୁଷ୍ଠିତ ଜିଲ୍ଲାପାଳ ଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ରେ ଜନସାଧାରଣ ଏହି ରାସ୍ତା ର ମରାମତି ଓ ନବୀକରଣ ସକାଶେ ଜିଲ୍ଲାପାଳ ଙ୍କୁ ଲିଖିତ ଦାବୀପତ୍ର ପ୍ରଦାନ କରିଥିବା ବେଳେ ଶୀଘ୍ର ଏଦିଗ ରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଅବସ୍ଥା ଯଥା ପୂର୍ବଂ ତଥା ପରଂ। ସୂଚିତ ଯେ ଏହି ରାସ୍ତା ରେ ଛୋଟ ଛୋଟ ଗାଡିଆ ଭଳି ଖାଲଖମା ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନିକ, କୃଷି, କର୍ମସଂସ୍ଥାନ ଆଦି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ନିର୍ଭର କରୁଥିବା ଶତାଧିକ ଗ୍ରାମ ର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ରେଙ୍ଗାଲିବ୍ଲକ ଓ ତହସିଲ ସଦର ମହକୁମା କୁ ସଂଯୋଗ କରୁଛି। ରେଙ୍ଗାଲି ନିକଟସ୍ଥ ନୂଆଁରମ୍ଭେଲା ରୁ ମଙ୍ଗଳପୁର, କାଶିପାଲି, ପିତାପାଲି, କଦଳୀପିଟା, ଝରନପାଲି, ନୂଆଁ ତିରିଙ୍ଗି କେମ୍ପ ଆଦି ଗ୍ରାମ ଦେଇ ପୁରୁଣାରାଞ୍ଚି ରୋଡ୍ ରେ ଗୁମଲୋଇ କୁ ସଂଯୋଗ କରୁଛି। ସାଲଡ,



କତରବଗା,ଝାଙ୍କରପାଲି,ଟାମ୍ପରକେଲା, ତବଡାବାହାଲ ଆଦି ପଞ୍ଚାୟତ ର ଲୋକେ ରେଙ୍ଗାଲିବ୍ଲକ ସଦର ମହକୁମା କୁ ଯାତାୟତ ପାଇଁ ନିର୍ଭର କରିଥାନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ଶତାଧିକ ସ୍କୁଲ କଲେଜ ଛାତ୍ର ଛାତ୍ରୀ,ବିଭିନ୍ନ ଅଫିସ ଓ ଶିକ୍ଷାନୁଷ୍ଠାନ ରେ କାମ କରୁଥିବା କର୍ମଚାରୀ ଏଭଳି ଶୋଚନୀୟ ରାସ୍ତା ରେ ବହୁ କଷ୍ଟ ରେ ଯାତାୟତ କରୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ରାସ୍ତା କୁ ଗମନାଗମନ ଉପଯୋଗି ହେବା ଭଳି ମରାମତି କରୁ ନାହାନ୍ତି। ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହେଉ ନଥିବା ରୁ ଆଉ କାହାକୁ କହିବୁ କିଏ ପ୍ରତିକାର କରିବ ବୋଲି ଜନସାଧାରଣ ରେ କ୍ଷୋଭ ପ୍ରକାଶ ପାଉଛି।

# କଣିହାଁ ବର ଛକରୁ ପଥରମୁଣ୍ଡା ରାସ୍ତା ଶୋଚନୀୟ

## ଯାତାୟାତରେ ନାନା ସମସ୍ୟା: ଲୋକେ ହନ୍ତସନ୍ତ

**କଣିହାଁ: (ମହାଭାରତ)**

କଣିହାଁ ବର ଛକଠାରୁ ପଥରମୁଣ୍ଡା ଯାଉଥିବା ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହେବା ସହ ଅନେକ ସ୍ଥାନରେ ରାସ୍ତାର ପିଚୁ ଉଠିଯାଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ପ୍ରତିଦିନ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।ବିଶେଷକରି ବର୍ଷା ସମୟରେ ରାସ୍ତାର ଗାତଗୁଡ଼ିକରେ ପାଣି ଜମି ରହୁଥିବାରୁ ଗାତର ଗଭୀରତା ଜଣାପଡୁନାହିଁ। ଏହା ଯୋଗୁଁ



ଦୁଇଚକିଆ ଯାନ ଚାଳକ, ସାଇକେଲ ଆରୋହୀ ଓ ପଥଚାରୀମାନେ ଅସୁବିଧାରେ ପଡୁଛନ୍ତି। ଭାରୀ ଯାନ ଚଳାଚଳ ଯୋଗୁଁ ରାସ୍ତାର ଅବସ୍ଥା ଆହୁରି ଖରାପ ହେଉଥିବା ଅଭିଯୋଗ ମଧ୍ୟ ରହିଛି।ଏହି ରାସ୍ତା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ରାସ୍ତା ମରାମତି ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରିନାହିଁ। ରାସ୍ତାର ଦୁରବସ୍ଥା ଯୋଗୁଁ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଓ ଅନ୍ୟାନ୍ୟ ଜରୁରୀକାଳୀନ ଯାନବାହନର ଯାତାୟାତ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି।ଅଞ୍ଚଳବାସୀ ତୁରନ୍ତ ରାସ୍ତାର ଗାତଗୁଡ଼ିକ ପୂରଣ କରିବା ସହ ସମ୍ପୂର୍ଣ୍ଣ ରାସ୍ତାର ମରାମତି ଓ ଆବଶ୍ୟକ ସ୍ଥାନରେ ନୂତନ ଭାବେ ନିର୍ମାଣ କରିବାକୁ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରିଛନ୍ତି। ଜନସାଧାରଣଙ୍କ ସୁରକ୍ଷିତ ଯାତାୟାତ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ସମାଜସେବୀ ହରମୋହନ ସାହୁ ମତ ଦେଇଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ନବରଙ୍ଗପୁର ନିର୍ବାଚନ ମଣ୍ଡଳି ଉନ୍ନୟନ କମିଟି ବୈଠକ

**ନବରଙ୍ଗପୁର,(ମହାଭାରତ):**ଜିଲ୍ଲାର ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶକୁ ଗତିଶୀଳ କରିବା ପାଇଁ ଗତକାଲି ତା ୧୮.୮.୨୦୨୬ ରିଖ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ମଣ୍ଡଳି ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ଡ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ବିଧାୟକ ପ୍ରତିନିଧି ଏ ସୁରେଶ ଶାସ୍ତ୍ରୀ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ଅଧୀକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ କେ କନ୍ଧପାଣି, ପି ଏ,ଆଇ ଟି ଡି ଏ ରାଜୀବ ସାହୁ, ଡି ଇ ଓ ଛତ୍ରପତି ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, କୋଷଗୁମୁଡ଼ା ବି ଡି ଓ ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଯକ୍ଷ୍ମା ରୋଗୀଙ୍କୁ ପୋଷଣ ସାମଗ୍ରୀ ବଣ୍ଟନ



**ନୂଆଗାଁ (ମହାଭାରତ):**ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା ରୋଗୀଙ୍କୁ ପୋଷଣ ବଣ୍ଟନ ସାମଗ୍ରୀ କାର୍ଯ୍ୟକ୍ରମ ହୋଇଥିଲା।କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ଼. ଶରତ କୁମାର ଦାସ,ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ଦେବୀ ପ୍ରସାଦ ପ୍ରଧାନ, ବରିଷ୍ଠ ଚିକିତ୍ସା ତଦାରଖ ଅଧିକାରୀ ଡ଼. ବିଶ୍ୱରଞ୍ଜନ ଦଳେଇ ଙ୍କ ସମେତ ବିପିଏମ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।ଯକ୍ଷ୍ମା ରୋଗୀ ଙ୍କ ପାଇଁ ପୋଷଣ ବାବଦକୁ ସରକାର ଙ୍କ ତରଫରୁ ମାସିକ ୧ ହଜାର ଟଙ୍କା ଲେଖାଏଁ ମିଳୁଥିଲା ବେଳେ ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ଼. ଦାସ ଙ୍କ ନେତୃତ୍ୱରେ ବ୍ଲକ ଅଧୀନରେ ଥିବା ୫ ଜଣ ରୋଗୀ ଙ୍କ ଘରକୁ ଘର ପହଞ୍ଚି ଫୋଡ଼ ବାକ୍ସ ପ୍ରଦାନ କରାଯାଇଥିଲା। ଏଥି ସହିତ ଭାରତ ସରକାର ଙ୍କ ଦିଗଦର୍ଶନ କ୍ରମେ ଯେ କୌଣସି ବ୍ୟକ୍ତି ନିକ୍ଷୟ ମିତ୍ର ହୋଇ ଯକ୍ଷ୍ମା ରୋଗୀଙ୍କୁ ଅତିରିକ୍ତ ପୋଷଣ ସହ ମାନସିକ ସପୋର୍ଟ ଦେଇ ପାରିବେ ବୋଲି ଡାକ୍ତର ଅଧିକାରୀ ପ୍ରକାଶ କରିଥିଲେ। ଯକ୍ଷ୍ମା ୟୁନିଟ ଅଥବା ସ୍ୱାସ୍ଥ୍ୟ କର୍ମୀଙ୍କ ସହ ଯୋଗାଯୋଗ କରି ପାରିବେ ବୋଲି ଲୋକଙ୍କୁ କହିଥିଲେ ।

## ଶିଶୁ ଅଧିକାର ସୁରକ୍ଷା ଆୟୋଗ ଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ



**ବ୍ୟାସନଗର,(ମହାଭାରତ):** ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରୋ ଓ ସଦସ୍ୟା ମନସ୍ମିତା ଖୁଣ୍ଟିଆ ଦଶରଥପୁର ବ୍ଲକର ବନ୍ୟା ପ୍ରଭାବିତ ତରପଦା ଓ ଜୟନ୍ତରା ପଂଚାୟତ ର ବିଭିନ୍ନ ବନ୍ୟା ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ କଥାହୋଇଥିଲେ।ଉକ୍ତ ପରିଦର୍ଶନ ସମୟରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସିଡିପିଓ ଶାନ୍ତିଲତା ସେଠୀ ଉପସ୍ଥିତ ଥିଲେ.। ଏହାସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍, ରନ୍ଧା ଖାଦ୍ୟର ମାନ ଓ ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ କରିଥିଲେ।ଅପରାହ୍ନରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ମାନ୍ୟବର ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଶିଶୁ ଓ ପରିବାରଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷ ରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଆସନ୍ତା ୨୨ ଓ ୨୩ ରେ ୯୮ ତମ ଆଞ୍ଚଳିକ ଅଭିଭାବକ ସମ୍ମିଳନୀ

**ରାଉରକେଲା,:** ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କର ବିକାଶ ନିମନ୍ତେ ଗଠିତ ଜାତୀୟ ଅଭିଭାବକ ସଂଘ ତରଫରୁ ମୌଲାନା ଆଜାଦ୍ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ ଓ ଶ୍ରଦ୍ଧା, ରାଉରକେଲା ତଥା ଓଡିଶା ପରିବାରର ମିଳିତ ଆନୁକୂଲ୍ୟରେ ଆସନ୍ତା ଅଗଷ୍ଟ ମାସ ୨୨ ଓ ୨୩ ତାରିଖ ଦିନ ଦ୍ୱିଦିବସୀୟ ଆଞ୍ଚଳିକ ଅଭିଭାବକ ସମ୍ମିଳନୀ ଓଡିଶା -୨୦୨୬ ରାଉରକେଲାର ବରଟୋଲି ସ୍ଥିତ ପଦ୍ମିନୀ ପ୍ୟାଲେସ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସମ୍ମିଳନୀରେ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କର ଶୈଶବରୁ ଯୁବାବସ୍ଥା ପର୍ଯ୍ୟନ୍ତ ଅଭିଭାବକ ଏବଂ ସେବା ଓ ଯତ୍ନ ଯୋଗାଉଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ଆଲୋଚନାଚକ୍ର ଆୟୋଜନ କରାଯିବ। ଏହି ଦ୍ୱିଦିବସୀୟ କର୍ମଶାଳାରେ ସାମ୍ବିଧାନିକ ବ୍ୟବସ୍ଥା, ଦିବ୍ୟାଙ୍ଗ ମାନଙ୍କର ଅଧିକାର ଓ ଆଇନ ନିୟମ ୨୦୧୬, ନ୍ୟାସନାଲ ଟ୍ରଷ୍ଟ ଆଇନ ୧୯୯୯, ଦିବ୍ୟାଙ୍ଗଙ୍କ ମୌ।ଳିକ ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ବିଶେଷଜ୍ଞ ମାନେ ଆଲୋଚନା କରିବେ । ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାର ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଅଭିଭାବକ / ଅଭିଭାବିକା ଯୋଗଦେବେ ବୋଲି ସୂଚନା ମିଳିଛି।ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ଉଦ୍‌ଘାଟନୀ ଅଧିବେଶନରେ ସୁନ୍ଦରଗଡ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଉଦଘାଟକ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ଓଡିଶା ରାଜ୍ୟ ଭିନ୍ନକ୍ଷମ ଆୟୋଗର ଆୟୁକ୍ତ ବ୍ରତତୀ ହରିଚନ୍ଦନ ଓ ରାଜ୍ୟ ଭିନ୍ନକ୍ଷମ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ୟାସୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି ।

# ବିରୂପା ନଦୀର ଦ୍ୱିତୀୟ ବନ୍ୟା ପାଣି ବଢିବାରେ ଲାଗିଛି



**ବାଲିଚନ୍ଦ୍ରପୁର (ମହାଭାରତ):**ବିରୂପା ନଦୀରେ ଦ୍ୱିତୀୟ ବାର ବନ୍ୟା ପାଣି ଆସିବାରୁ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହେବା ସହ ବାଲିଚନ୍ଦ୍ରପୁର ଠାରୁ ବାଲିପଡିଆ ପର୍ଯ୍ୟନ୍ତ ପଟାମୁଣ୍ଡାଇ ଜଗତପୁର କେନାଲ ଓ ବିରୂପା ନଦୀର ମଝିରେ ଥିବା ଗ୍ରାମ ଗୁଡିକ ସମ୍ପୂର୍ଣ୍ଣ ଜଳ ମଗ୍ନ ହୋଇଥିବା ର ଦେଖିବାକୁ ମିଳିଛି, ଉକ୍ତ ଗ୍ରାମ ଗୁଡିକରୁ କେନାଲ ବନ୍ଧର ମୁଖ୍ୟ ରାସ୍ତା ଗୁଡ଼ିକ କେଉଁଠାରେ ଆଣ୍ଠିଏ ପାଣି ତ କେଉଁଠାରେ ବେକେ ପାଣି, ମାତ୍ର ତିନି ଚାରୋଟି ବୋଟ ପ୍ରଶାସନ ତରଫରୁ ଯୋଗାଇଦିଆଯାଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ନୁହେଁ, ଲୋକମାନେ ନିଜ ଚେଷ୍ଟାରେ ଟ୍ରକ୍ ଓ ବସ ଟିୟୁବ କୁ ଯୋଗାଡ କରି ତାହାସହିତ ପଟା ବାନ୍ଧି ଯାତାୟତ କରୁଛନ୍ତି, ବାଲିଚନ୍ଦ୍ରପୁର ଠାରୁ ପଟାମୁଣ୍ଡାଇ କେନାଲ ବାଇପାସ ରାସ୍ତା ଜଳମଗ୍ନ ହୋଇ ଥିବା ଏବଂ ଏହି ରାସ୍ତାରେ ୩୦ ରୁ ଊର୍ଦ୍ଧ୍ୱ ଖାଲ ଥିବାରୁ ଯାନବାହାନ ଯିବା ଆସିବା ସମୟରେ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ଘଟୁଛି, ଥାନା ରୋଡ ଓ ପଟଣା ରାସ୍ତା ରେ ବନ୍ୟା ପାଣି ଚାଲୁଥିବାରୁ ରୁକୁଟିପାଟ, ନାନପୁର, ଘାଟିୟା ସାହି, ପଟଣା. କୁସୁପୁର ଆଦି ଗ୍ରାମକୁ ଯିବା ପାଇଁ ଲୋକମାନେ ଅସୁବିଧା ସମ୍ମୁଖୀନ ହେଉଛନ୍ତି, ବନ୍ୟା ପାଣି ବାଲିଚନ୍ଦ୍ରପୁର ଥାନା ପରିସରରେ ପଶିବା ସହ ବାହାଦୁରନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚାରିନଙ୍ଗଳ ସମବାୟ ସମିତି କାର୍ଯ୍ୟଳୟ, କଞ୍ଚନାଦେବୀ ଉଚ୍ଚବିଦ୍ୟାଳୟ, ପ୍ରାଣୀ ଚିକିତ୍ସା କେନ୍ଦ୍ର ଗଜେନ୍ଦ୍ରପୁର ପରିସର ଜଳମଗ୍ନ ଥିବାରୁ ବିଭିନ୍ନ ପ୍ରକାର ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି, ବିରୂପା ରେ ଦ୍ୱିତୀୟ ବନ୍ୟା ପାଣି ୪ଦିନ ହବ ବିଭିନ୍ନ ଗ୍ରାମ ଗୁଡିକରେ ପଶିଥିଲେ ମଧ କୌଣସି ପ୍ରଶାସନ ଅଧିକାରୀଙ୍କ ଦେଖା ନ ମିଳିବା ବିଡ଼ମ୍ବନା ବିଷୟ ଗୃହ ପାଳିତ ପଶୁ ଓ ଲୋକମାନଙ୍କ ପାଇଁ ଗୋ ଖାଦ୍ୟ ଓ ରିଲିଫ ମିଳିନଥିବାରୁ ଜଳ ବନ୍ଦୀ ଲୋକମାନେ ଭୋକରେ ଆଉଟ ପାଉଟ ହେଉଥିବାବେଳେ ଗୃହ ପାଳିତ ପଶୁ ମାନଙ୍କର ଦୁର୍ଦଶା କହିଦେଲେ ନ ସରେ, ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ଓ ଗୋ ଖାଦ୍ୟ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ସୌନ୍ଦର୍ଯ୍ୟକରଣ ପାଇଁ ଭଙ୍ଗାଗଲା ମାଁ ସମଲେଶ୍ୱରୀଙ୍କ ମନ୍ଦିର ସମ୍ମୁଖ ଷ୍ଟଲ



ବଲାଙ୍ଗୀର,:ବଲାଙ୍ଗୀର ସହରର ଆରାଧ୍ୟ ଦେବୀ ମାଁ ସମଲେଶ୍ୱରୀଙ୍କ ପୁରାତନ ମନ୍ଦିରର ସୌନ୍ଦର୍ଯ୍ୟୀକରଣ ପାଇଁ ଏବେ ଅଣ୍ଟା ଭିଡ଼ିଛି ଜିଲ୍ଲା ପ୍ରଶାସନ।ମନ୍ଦିର ପରିସରକୁ ସୁନ୍ଦର ଓ ବିକଶିତ କରିବା ପାଇଁ ମନ୍ଦିରକୁ ଲାଗିଥିବା ପ୍ରାୟ ୨୩ଟି ଷ୍ଟଲକୁ ଉଚ୍ଛେଦ କରାଯାଉଛି। ପାଞ୍ଚ ଦିନ ପୂର୍ବରୁ ଦେବୋତ୍ତର ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଷ୍ଟଲ ଖାଲି କରିବାକୁ ନୋଟିସ ଜାରି ହୋଇଥିଲା।ନିର୍ଦ୍ଧାରିତ ସମୟ ମଧ୍ୟରେ ଷ୍ଟଲ ଖାଲି ନହେବାରୁ ଆଜି ପୁଲିସ ମୁତୟନ ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି।କିନ୍ତୁ ଏହି ଉଚ୍ଛେଦକୁ ନେଇ କେବଳ ଷ୍ଟଲ ଭଙ୍ଗା ନୁହେଁ,ଏବେ ସାମ୍ନାକୁ ଆସିଛି ମନ୍ଦିରର ଭବିଷ୍ୟତ ଆୟକୁ ନେଇ ଏକ ବଡ଼ ପ୍ରଶ୍ନ। କାରଣ,ଦୀର୍ଘଦିନ ଧରି ଏହି ଷ୍ଟଲଗୁଡ଼ିକରୁ ଆସୁଥିବା ଆୟ ମନ୍ଦିରର ପୂଜା,ନୀତିକାନ୍ତି ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟରେ ବ୍ୟବହୃତ ହୋଇ ଆସୁଥିବା କୁହାଯାଉଛି।ତେଣୁ ଷ୍ଟଲ ଉଚ୍ଛେଦ ପରେ ମନ୍ଦିରର ନିୟମିତ ଆୟର ବିକଳ୍ପ ବ୍ୟବସ୍ଥା କ'ଣ ହେବ,ତାହା ନେଇ ଏବେ ପ୍ରଶର ତତ୍କାଳୀନ ମହାରାଜାଙ୍କ ଦାନ ରେ ଏହି ମନ୍ଦିର ନିର୍ମିତ ହୋଇଥିବା ବିଶ୍ୱାସ ରହିଛି।ପରମ୍ପରା ଓ ଧାର୍ମିକ ବିଶ୍ୱାସର ଏହି ପୀଠରେ ଆଜି ମଧ୍ୟ ପୂଜକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଁ ସମଲେଶ୍ୱରୀଙ୍କ ନୀତିକାନ୍ତି ସମ୍ପନ୍ନ ହୋଇ ଆସୁଛି।ତେବେ ଆଉ ଏକ ବଡ଼ ପ୍ରଶ୍ନ,ଯେଉଁ ସମୟରେ ରାଜା ମହାରାଜା ମାନେ ମନ୍ଦିର ଓ ଦେବଦେବୀଙ୍କ ନାମରେ ଏକର ଏକର ଜମି ଦାନ କରୁଥିଲେ,ସେହି ସମୟରେ ମାଁ ସମଲେଶ୍ୱରୀ ମନ୍ଦିରକୁ ମଧ ପର୍ଯ୍ୟାପ୍ତ ଦେବୋତ୍ତର ଜମି ଦିଆଯାଇଥିବା ଚର୍ଚ୍ଚା ରହିଛି।ଯଦି ତାହା ସତ୍ୟ,ତେବେ ସେହି ଜମି କେଉଁଠି ଅଛି ?କେତେ ଜମି ମନ୍ଦିର ନାମରେ ରହିଛି ? କେତେ ଜମି ଜବରଦଖଲରେ ରହିଛି। ମନ୍ଦିରର ନିଜସ୍ୱ ସମ୍ପତ୍ତି ଯଦି ଅଛି,ତାହାର ବର୍ତ୍ତମାନ ସ୍ଥିତି କ'ଣ ?ଏସବୁ ପ୍ରଶ୍ନର ଉତ୍ତର ପାଇଁ ଏକ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି।ମନ୍ଦିରର ସୌନ୍ଦର୍ଯ୍ୟୀକରଣକୁ ସହରବାସୀ ସ୍ୱାଗତ କରୁଛନ୍ତି।କିନ୍ତୁ ବିକାଶ ସହିତ ମନ୍ଦିରର ପରମ୍ପରା,ପୂଜାବିଧି ଓ ଆର୍ଥିକ ସ୍ୱାବଲମ୍ବନ ମଧ ସୁରକ୍ଷିତ ରହିବା ଆବଶ୍ୟକ।କାରଣ ମାଁ ସମଲେଶ୍ୱରୀ କେବଳ ଏକ ପଥରର ପ୍ରତିମା ନୁହନ୍ତି,ବଲାଙ୍ଗୀରବାସୀଙ୍କ ବିଶ୍ୱାସ, ଭକ୍ତି ଓ ଭାବନାର ଜୀବନ୍ତ ପ୍ରତୀକ।ତେଣୁ ପ୍ରଶ୍ନ ହେଉଛି,ମନ୍ଦିରର ସୌନ୍ଦର୍ଯ୍ୟୀକରଣ ସହ ହଜାର ହଜାର ଭକ୍ତଙ୍କ ଆସ୍ଥା,ପରମ୍ପରା ଓ ମନ୍ଦିରର ଭବିଷ୍ୟତ ଆର୍ଥିକ ବ୍ୟବସ୍ଥାକୁ କିପରି ସୁରକ୍ଷିତ ରଖାଯିବ ଏବେ ଏହାର ଉତ୍ତର ଅପେକ୍ଷାରେ ରହିଛନ୍ତି ବଲାଙ୍ଗୀରବାସୀ।

## ସନ୍ଥ ଶିରୋମଣୀ ଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ



**କେନ୍ଦ୍ରାପଡ଼ା :** ସାମାଜିକ ସମରସତାର ମୂର୍ତ୍ତିମନ୍ତ ପ୍ରତୀକ ତଥା ମହାନ ସମାଜ ସଂସ୍କାରକ ସନ୍ଥ ଶିରୋମଣୀ ଶ୍ରୀଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ ବର୍ଷ ଉପଲକ୍ଷେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ସମରସ ସଂକଳ୍ପ ଅଭିଯାନରେ କଳସ ବନ୍ଦନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ମଠ ମନ୍ଦିରରୁ ଆସିଥିବା ଅନେକ ସାଧୁସନ୍ଥ ଓ ବିଭିନ୍ନ ଜାତି ମୁଖିଆମାନଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୋଜକ ଅମିତାଭ ସୁଆରଙ୍କ ସଂଯୋଜନା ଏବଂ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ସମ୍ମାନିତ ଅତିଥି ଭାବେ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ରଘୁନାଥ ବେହେରା,ଦିବ୍ୟ ଜୀବନ ସଙ୍ଘ ତଥା ଶିବାନନ୍ଦ ଆଶ୍ରମର ମୁଖ୍ୟ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ, ଶ୍ରୀ ବଳଦେବଜୀଉ ଗୌଡିୟ ମଠ(ସାରଙ୍ଗ)ର ମଠାଧୀଶ ଶ୍ରୀପାଦ ଭକ୍ତ ବେଦାନ୍ତ ସନ୍ୟାସୀ ମହାରାଜ, ସନ୍ଥ ଅରକ୍ଷିତ ଦାସ(ଓଳାଶୁଣୀ) ମଠର ମହନ୍ତ ରାମାନନ୍ଦ ଦାସ ମହାରାଜ,ମହିମା ଅଲେଖ ଆଶ୍ରମ (ଶଙ୍ଖପଦା)ର ମହନ୍ତ ସୁବ୍ରତ ଦାସ, ମହନ୍ତ ହୃଷିକେଶ ଦାସ ( ଫୋରଡ ), ବିଜେପି ନେତ୍ରୀ ଅର୍ଚ୍ଚନା ନାୟକ, ଗିତାଞ୍ଜଳୀ ସେଠୀ, ତେଜେଶ୍ୱର ପରିଡା, ସୁନାକର ବେହେରା, ଡଲି ଶତପଥି, ଜାତି ମୁଖିଆ ବିଷ୍ଣୁ ଚରଣ ବେହେରା, ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

## ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ

### ରାଜ୍ୟ ପୋଲିସ ମୁଖ୍ୟାଳୟ ସହ ସମସ୍ତ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଶପଥ ପାଠ




**କଟକ, :** ୨୦୨୬: ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ନିଶାମୁକ୍ତ ସମାଜ ଗଠନ ଏବଂ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକ ସମେତ ରାଜ୍ୟର ୩୫ଟି ପୋଲିସ ଜିଲ୍ଲାର ସମସ୍ତ ଥାନା ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇ ନିଶାଦ୍ରବ୍ୟର କୁପ୍ରଭାବରୁ ନିଜକୁ, ପରିବାରକୁ ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଥିଲେ। ନିଜେ ନିଶାଦ୍ରବ୍ୟ ସେବନରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ସହ ବନ୍ଧୁବର୍ଗ, ପରିବାର ସଦସ୍ୟ ଓ ସମାଜର ଅନ୍ୟମାନଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ଓଡ଼ିଶାକୁ ନିଶାମୁକ୍ତ କରିବା ଦିଗରେ ସକ୍ରିୟ ଭୂମିକା ନେବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ।ନିଶାମୁକ୍ତ ସମାଜ ଗଠନରେ ଯୁବଶକ୍ତିର ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ଅଭିଯାନ ମାଧ୍ୟମରେ ସାରା ରାଜ୍ୟରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରାଯାଇଛି।ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ଶ୍ରୀ ପ୍ରବୀଣ କୁମାର, ଆଇଜିପି (କେନ୍ଦ୍ରାଞ୍ଚଳ) ଶ୍ରୀ ସତ୍ୟଜିତ ନାୟକ, ଡିଆଇଜିପି (ପ୍ରୋଭିଜନିଂ) ଶ୍ରୀ ଚରଣ ସିଂ ମିନା, ଡିଆଇଜିପି (କାର୍ମିକ) ଶ୍ରୀ ଯୁଗଳ କିଶୋର ବୋନଥଙ୍କ ସମେତ ପୋଲିସ ମୁଖ୍ୟାଳୟର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସାମୂହିକ ଭାବେ ନିଶାମୁକ୍ତି ଶପଥ ଗ୍ରହଣ କରିଥିଲେ।

## ଶୋଇଥିବା ବେଳେ ଧସିଲା କାନ୍ଥ, ଚାଲିଗଲା ମହିଳାଙ୍କ ଜୀବନ

**ବୈଶିଙ୍ଗା,:** ଲଗାଣ ବର୍ଷାରେ ଓଦା ହୋଇ ଦୁର୍ବଳ ହୋଇପଡ଼ିଥିବା କାନ୍ଥ ଭୁଶୁଡ଼ି ପଡ଼ିବାରୁ ଘର ବାରଣ୍ଡାରେ ଶୋଇଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ମୟୂରଭଞ୍ଜଜିଲ୍ଲା ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ ଭୁଡୁରୁବଣି ଗ୍ରାମର ଭଗବାନ ଓଝାଙ୍କ ସ୍ତ୍ରୀ ଶୈଳ ଓଝା (୫୩)। ସୂଚନା ଅନୁସାରେ, ଗତକାଲି ରାତିରେ ଭୋଜନ ସାରି ଭଗବାନ ଓ ତାଙ୍କ ସ୍ତ୍ରୀ ଶୈଳ ନିଜ ଘର ବାରଣ୍ଡାରେ ଥିବା ଛୋଟ ତେଜରାତି ଦୋକାନର ଦୁଆର ନିକଟରେ ଶୋଇଥିଲେ।

## ରଙ୍ଗୋଲି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କଲା ଉତ୍ସର୍ଗ ଗ୍ରୁପ

**ବରଗଡ:**୮୦ ତମ ସ୍ୱାଧିନତା ଦିବସ ଅବସରରେ ସରକାରଙ୍କ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତାରେ ଉତ୍ସର୍ଗ ଗ୍ରୁପ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅନୁଷ୍ଠାନ ର ମୁଖ୍ୟ ରସ୍ମିତା ଥାପା ସମସ୍ତ ସହଯୋଗୀ ମାନଙ୍କୁ ଧନ୍ୟବାଦ ଜଣାଇବା ସଙ୍ଗେ ସଙ୍ଗେ ବିଧାୟକ ଶ୍ରୀ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ଜିଲ୍ଲା ପ୍ରଶାସନ କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ପୁର୍ବରୁ ଗତ ଧନୁଯାତ୍ରା ଅବସରରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତାରେ ଏହି ଗ୍ରୃପ ଭାଗ ନେଇ ସମ୍ମାନିତ ହୋଇଥିଲେ।

### ଗ୍ରାମାଞ୍ଚଳରେ ମାଧ୍ୟମିକ ଶିକ୍ଷାର କରୁଣ ଚିତ୍ର

# ୮୦ ଜଣ ଛାତ୍ରରେ ୩ ଜଣ ଶିକ୍ଷକ



**ସମ୍ବଲପୁର:** ଜିଲ୍ଲାର ରେଙ୍ଗାଲିବ୍ଲକ ଅନ୍ତର୍ଗତ ଟାମ୍ପରକେଲା ରେ ପ୍ରତିଷ୍ଠିତ ହାଇସ୍କୁଲ ରେ ଦୀର୍ଘ ବର୍ଷ ହେଲା ଶିକ୍ଷକ ଅଭାବ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଶିକ୍ଷକ ନିଯୁକ୍ତି ଦେଉ ନାହାନ୍ତି। ଫଳ ରେ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହି ହାଇସ୍କୁଲ ରେ ନବମ ଓ ଦଶମ ଶ୍ରେଣୀ ରେ ୮୦ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ବିଜ୍ଞାନ,ଗଣିତ,ହିନ୍ଦି, ଆଦି ବିଷୟ ପଢାଇବାକୁ ଶିକ୍ଷକ ନାହାନ୍ତି। ଅନୁସୂଚିତ ଜନଜାତି,ଜନ ଜାତି ଶିକ୍ଷା ର କରୁଣ ଚିତ୍ର ର ଏଭଳି ଦୃଷ୍ଟାନ୍ତ ସରକାର ଙ୍କ ତଥାକଥିତ ଶିକ୍ଷା ନୀତି ର ଅସଲ ସ୍ୱରୂପ କୁ ପଦା ରେ ପକାଇ ଦେଇଛି। ଖେଳ ଶିକ୍ଷକ ପଦବୀ ମଧ୍ୟ ଖାଲି ପଡିଛି । କିରାଣି ନାହାନ୍ତି କି ପିଅନ ବି ନାହାନ୍ତି। ଏଭଳି ଶିକ୍ଷକ ଓ କର୍ମଚାରୀ ମରୁଡି ରେ ୩ଜଣ ଶିକ୍ଷକ ଅଲ୍ ଇନ୍ ଥ୍ରୀ ନୀତି ରେ ଯେନତେନ ପ୍ରକାରେଣ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ କରୁଛନ୍ତି। ଅଞ୍ଚଳବାସୀ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଦାବୀ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନାହିଁ। ଶିକ୍ଷା ବିଭାଗ ଶିକ୍ଷକ ନିଯୁକ୍ତି କରୁ ନଥିବା ବେଳେ ଅନ୍ତତଃ ରେଙ୍ଗାଲିବ୍ଲକ ରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ର ସି.ଏସ୍.ଆର୍ ଯୋଜନା ରୁ ଶିକ୍ଷକ ନିଯୁକ୍ତି ଦିଆଯାଉ ବୋଲି ଦାବୀ ହେଉ ଥିଲେ ମଧ ଏଥି ପ୍ରତି କାହାରି ନିଘା ନାହିଁ। ଉଲ୍ଲେଖଯୋଗ୍ୟ ଯେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଅଧ୍ୟୁଷିତ ଟାମ୍ପରକେଲା ପଞ୍ଚାୟତ ଅଞ୍ଚଳ ରେ ହାଇସ୍କୁଲ ନଥିବାରୁ ଗରିବ ଓ ମଧ ବିତ୍ତ ବର୍ଗ ର ଛାତ୍ର ଛାତ୍ରୀ ମାଧମିକ ଶିକ୍ଷା ରୁ ବଞ୍ଚିତ ହେଉ ଥିବାର ଉପଲବ୍ଧି କରି ଜନନେତା ଈଶ୍ୱର ନାୟକ ଙ୍କ ନେତୃତ୍ୱ ରେ ପଞ୍ଚାୟତ ର ସଚେତନ ନାଗରିକ ଙ୍କ ସହଯୋଗ ରେ ଟାମ୍ପରକେଲା ରେ ୧୯୮୪ ମସିହା ରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଳର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



ଖବର

# ଶ୍ରୀକୃଷ୍ଣଙ୍କ କୃପାପ୍ରାପ୍ତିର ଉପାୟ



ପ୍ରଭୁ ଶ୍ରୀକୃଷ୍ଣଙ୍କର ଉପାସନା କରୁଥିବା ବ୍ୟକ୍ତିମାନେ ଜୀବନରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତି । ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଶ୍ରୀକୃଷ୍ଣଙ୍କର ଅନେକ ମହତ୍ତ୍ୱ ରହିଛି । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି ଅଛି ଯେ, ପ୍ରଭୁ ଶ୍ରୀକୃଷ୍ଣ ବାଲ୍ୟାବସ୍ଥାରେ ଲହୁଣୀ ଚୋରି କରି ଖାଉଥିଲେ, ଗୋପୀଙ୍କ ବସ୍ତ୍ର ଚୋରି କରୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରିବା ପାଇଁ ଭକ୍ତମାନେ ତାଙ୍କର ମୂର୍ତ୍ତିକୁ ସ୍ଥାପନ କରି ଥାଆନ୍ତି । ମୂର୍ତ୍ତି ସ୍ଥାପନ କରି ତାଙ୍କର ବିଶେଷ ରୂପେ ପୂଜାର୍ଚ୍ଚନା କରିଥାଆନ୍ତି । ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରିବା ପରେ କ'ଣ କରିବା ଉଚିତ୍ ତାହା ଭକ୍ତମାନେ ଜାଣିବା ଉଚିତ । ତେଣୁ ମୂର୍ତ୍ତି ସ୍ଥାପନ କରିବା ପରେ ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷ ଭାବେ ପୂଜାର୍ଚ୍ଚନା କରନ୍ତୁ । ନଚେତ୍ ତାହା ଜୀବନରେ ଉନ୍ନତି ଆଣିବା ବଦଳରେ ଓଲଟା ଫଳ ଦେଇଥାଏ । ଯେଉଁଠି ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଅଛି ସେହିଠାରେ ବଂଶୀ ରଖିବା ଆବଶ୍ୟକ ଅଟେ । କୁହାଯାଏ ଯେ, ଭଗବାନ ଶ୍ରୀକୃଷ୍ଣଙ୍କୁ ବଂଶୀର ଧ୍ୱନି ଅତ୍ୟନ୍ତ ପସନ୍ଦ ଅଟେ । ତେଣୁ ଘରେ ବଂଶୀ ରଖିବା ଦ୍ୱାରା ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଶ୍ରୀକୃଷ୍ଣଙ୍କର ଗାଈ ଓ ବାଛୁରୀ ଅତ୍ୟନ୍ତ ପ୍ରିୟ । ତାଙ୍କୁ କ୍ଷୀର, ଲହୁଣୀ ଓ କ୍ଷୀରରୁ ପ୍ରସ୍ତୁତ ସମସ୍ତ ଦ୍ରବ୍ୟ ଖାଇବାକୁ ଭଲ ଲାଗିଥାଏ । ତେଣୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ରଖିବା ସ୍ଥାନରେ ଗାଈ ଓ ବାଛୁରୀ ମୂର୍ତ୍ତି ମଧ୍ୟ ରଖନ୍ତୁ । ପୂଜା ସ୍ଥାନରେ ମୟୁର ଚୂଳ ମଧ୍ୟ ରଖନ୍ତୁ । ମୟୁର ଚୂଳ ରଖିବା ଦ୍ୱାରା ପରିବାରରେ ସୁଖଶାନ୍ତି ପ୍ରବେଶ କରିଥାଏ । କୃଷ୍ଣଙ୍କ ପୂଜାରେ ସର୍ବଦା ଲହୁଣୀ ଓ ମିଶ୍ରି ଭୋଗ ଲଗାନ୍ତୁ । ଶ୍ରୀକୃଷ୍ଣଙ୍କ ପାଖରେ ସର୍ବଦା ରାଧାଙ୍କ ମୂର୍ତ୍ତି ରଖନ୍ତୁ । ଏହାସହ କଇଁ ଫୁଲ ମଧ୍ୟ ରହିବା ଉଚିତ । କାରଣ କଇଁ ପଙ୍କରୁ ଜାତ ହୋଇଥାଏ । ଏହା ଜୀବନରେ ସଂଘର୍ଷ ଓ ବିଜୟୀ ହେବାର ପ୍ରତୀକ ଅଟେ ।

# ବିଳାସପ୍ରିୟ ଦେବରାଜ

ହିନ୍ଦୁଧର୍ମରେ ମୂଳତଃ ୩୩ ପ୍ରମୁଖ ଦେବତାଙ୍କ ସଂପର୍କରେ ଉଲ୍ଲେଖ ରହିଛି । ସମସ୍ତ ଦେବତାଙ୍କ କାର୍ଯ୍ୟ ଏବଂ ଚରିତ୍ର ଭିନ୍ନ ଭିନ୍ନ ଅଟେ । ତେବେ ଦେବରାଜ ଇନ୍ଦ୍ରଙ୍କ ବଦ୍‌ନାମ ଯଥେଷ୍ଟ ଅଧିକ । କାରଣ ଦେବରାଜ ସର୍ବଦା ଭୋଗ ଓ ଐଶ୍ୱର୍ଯ୍ୟରେ ବୁଡ଼ି ରହିବାକୁ ପସନ୍ଦ । ସବୁ ସମୟରେ ତାଙ୍କର ସିଂହାସନର ଚିନ୍ତା । ସମସ୍ତେ କାହିଁକି ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, କାରଣ ସେ ସ୍ୱର୍ଗର ରାଜା ଅଟନ୍ତି । ଇନ୍ଦ୍ର ଦେବତାଙ୍କ ଅଧିପତି ଅଟନ୍ତି । ସୁନ୍ଦରୀ ଅପ୍ସରାମାନେ ତାଙ୍କ ଦରବାରରେ ନୃତ୍ୟ କରନ୍ତି ଏବଂ ଗନ୍ଧର୍ବମାନେ ସଂଗୀତ ପରିବେଷଣ କରି ଇନ୍ଦ୍ରସଭାରେ ମନୋରଞ୍ଜନ କରିଥାନ୍ତି । ଦେବାସୁରଙ୍କ ସହ ଇନ୍ଦ୍ରଙ୍କର ସର୍ବଦା ଲଢ଼େଇ ଜାରି ରହିଥାଏ । ଦେବାସୁର ସୁରାପାନ କରିଥିଲେ ମଧ୍ୟ ସେ ଅସୁର ନୁହନ୍ତି । ଅଦିତିଙ୍କ ପୁତ୍ର ହେଉଛନ୍ତି ଦେବରାଜ ଇନ୍ଦ୍ର । ଇନ୍ଦ୍ରାଣୀ ବା ଶଚୀ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ଅଟନ୍ତି । ତାଙ୍କର ଅନ୍ୟନାମ ପୌଲୋମୀ ମଧ୍ୟ କୁହାଯାଏ । ଶଚୀପତି ଇନ୍ଦ୍ରଙ୍କ ପୂର୍ବରୁ ପାଞ୍ଚଜଣ ଇନ୍ଦ୍ର ଦେବରାଜ ଆସନରେ ଅଳଙ୍କୃତ ହୋଇଥିଲେ । ସେମାନଙ୍କୁ ସୁରେଶ, ସୁରେନ୍ଦ୍ର, ଦେବେନ୍ଦ୍ର, ଦେବେଶ, ବାସବ, ସୁରପତି, ଶକ୍ର, ପୁରନ୍ଦର ମଧ୍ୟ କୁହାଯାଏ । କ୍ରମଶଃ ୧୪ ଜଣ ଦେବରାଜ ଆସନ ଅଳଙ୍କୃତ କରିଥିଲେ । ସେମାନେ ହେଲେ ଯଜ୍ଞ, ବିପାଶ୍ଚିତ, ଶିବି, ବିଧୁ, ମନୋଜବ, ପୁରନ୍ଦର, ବାଲୀ, ଅଦ୍ଭୁତ, ଶାନ୍ତି, ବିଶ, ରିତୁଶାମ, ଦେବାସ୍ୱତି ଏବଂ ସୁଚୀ । ଏମାନଙ୍କ ମଧ୍ୟରୁ ଶଚୀପତି ଇନ୍ଦ୍ର ପୁରନ୍ଦରଙ୍କ ପୂର୍ବରୁ ୫ ଜଣ ଇନ୍ଦ୍ର ଦେବରାଜ ଆସନରେ ବସିଥିଲେ । ଋଗ୍‌ବେଦରେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସଂପର୍କରେ ବିଶଦ ବର୍ଣ୍ଣନା କରାଯାଇଛି । ଦେବତାଙ୍କ ଅଧିପତି ଇନ୍ଦ୍ର, ଗୁରୁ, ବୃହସ୍ପତି ଏବଂ ବିଷ୍ଣୁ ପରମ ଇଷ୍ଟ ଅଟନ୍ତି । ଅନ୍ୟପକ୍ଷରେ ଦୈତ୍ୟଙ୍କ ଅଧିପତି ହିରଣାକ୍ଷ ଓ ହିରଣ୍ୟକଶିପୁ ପରେ ବିରୋଚନ ଦୈତ୍ୟ ଅଧିପତି ଦାୟିତ୍ୱ ନେଲେ, ଯାହାଙ୍କ ଗୁରୁ ଅଟନ୍ତି ଶୁକ୍ରାଚାର୍ଯ୍ୟ ଏବଂ ଶିବ ପରମ ଇଷ୍ଟଦେବ ଅଟନ୍ତି । ଇନ୍ଦ୍ରଙ୍କର ବିବାହ ଅସୁରରାଜ ପୁଲୋମାଙ୍କ ପୁତ୍ରୀ ଶଚୀଙ୍କ ସହ ହୋଇଥିଲା ଇନ୍ଦ୍ରଙ୍କ ପୁତ୍ରଙ୍କ ନାମ ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି । ସେମାନଙ୍କୁ ଦୁଇ ବସୁକ୍ତ ତଥା ବୃଷା ଋଷି (ଯିଏ ବୈଦିକ ମନ୍ତ୍ର ରଚନା କରିଥିଲେ ।) କୁହାଯାଏ । ଇନ୍ଦ୍ରଙ୍କର ଜନ୍ମ ସଂପର୍କରେ ମଧ୍ୟ ଋଗ୍‌ବେଦରେ ବର୍ଣ୍ଣନା କରାଯାଇଛି । ଋଗ୍‌ବେଦର ଚତୁର୍ଥ ଅଧ୍ୟାୟରେ ଲିଖିତ ଅଛି ଯେ, ଇନ୍ଦ୍ରଙ୍କ ମାତାଙ୍କ ନାମ ଅଦିତ । ଏହା ମଧ୍ୟ କୁହାଯାଏ ଯେ, ଇନ୍ଦ୍ର ନିଜ ମାତାଙ୍କ ଗର୍ଭରେ ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲେ । ସେଥିପାଇଁ ଅଦିତିଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । ତେବେ ଅଧିକ ଦିନ ଗର୍ଭରେ ରହିଥିବା କାରଣରୁ ସେ ଅତ୍ୟନ୍ତ ବଳଶାଳୀ ଓ ପରାକ୍ରମୀ ଥିଲେ ।

# ବାବା ବାଲି ଲୋକନାଥ

ଗଞ୍ଜାମ ବ୍ଲକର ଋଷିକୁଲ୍ୟା ନଦୀ ପାର୍ଶ୍ୱସ୍ଥ ମାଳି ଜଗନ୍ନାଥପୁର ଗାଁରେ ପ୍ରାୟ ୭ ଏକର ଜାଗାରେ ରହିଛି ବାବା ବାଲି ଲୋକନାଥଙ୍କ ମନ୍ଦିର ଯ ପୌରାଣିକ କିମ୍ବଦନ୍ତୀ କୁହେ, ପ୍ରଭୁ ରାମଚନ୍ଦ୍ର ନବାସ ସମୟରେ ଏଠି ମହାଦେବଙ୍କ ଲିଙ୍ଗ ସ୍ଥାପନ କରି ପୂଜାର୍ଚନା କରିଥିଲେ । କାଳକ୍ରମେ ତାହା ନଦୀ ବାଲିରେ ପୋତି ହୋଇଯାଇଥିଲା । ଏକଦା ପାରଳା ମହାରାଜା ପୁରୀରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ପୋତି ହୋଇ ଯାଇଥିବା ମନ୍ଦିରର ତ୍ରିଶୂଳ ଘୋଡା ଟାପୁରେ ବାଜି ରକ୍ତସ୍ରାବ ହୋଇଥିଲା ।ପରେ ରାଜାଙ୍କ ଆଦେଶରେ ପୋତି ହୋଇଥିବା ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ବାଲିରୁ ଉଦ୍ଧାର କରାଯାଇଥିବାରୁ ମହାଦେବଙ୍କୁ ବାଲି ଲୋକନାଥଙ୍କ ନାମରେ ନାମିତ କରାଯାଇଥିଲା । ଏହାର ଶ୍ରେୟ ପାଇଁ ପାରଳା ମହାରାଜା ଓ ଆଠଗଡ଼ ରାଜାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ପରେ ମନ୍ଦିର ଦାୟିତ୍ୱ ଆଠଗଡ଼ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ବାବା ବାଲି ଲୋକନାଥଙ୍କ ଭୋଗରାଗ ପାଇଁ ପାରଳା ରାଜା କିଛି ଜମି ପୂଜାରୀମାନଙ୍କୁ ପ୍ରଦାନ କରିଥିଲେ । ସେହି ଜାଗା ଏବେ ମାଳି ଜଗନ୍ନାଥପୁର ଓ କଲ୍ୟାଣପୁର ଗାଁ ନାମରେ ବେଶ ପରିଚିତ ।ସେହି ଗ୍ରାମର ପ୍ରାୟ ୮୦ ପରିବାର ନିଜ ମଧ୍ୟରେ ପାଳି କରି ବାବା ବାଲି ଲୋକନାଥଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି । ପ୍ରତି ମାସର ସୋମବାର, ଶନିବାର, ସଂକ୍ରାନ୍ତି, ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବହୁ ଭକ୍ତ ବାବା ବାଲି ଲୋକନାଥଙ୍କ ଦର୍ଶନ କରିଥାନ୍ତି ।ଶ୍ରାବଣ ସୋମବାରେ କାଉଡିଆମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି । ଦିନର ପ୍ରଥମ ପ୍ରହରରେ ଏଠି ବାବାଙ୍କୁ ନଡ଼ିଆ ଓ କଦଳୀ ଭୋଗ ଲାଗିକରାଯାଏ । ମଧ୍ୟାହ୍ନରେ ବାବାଙ୍କୁ ଭାତ, ଡାଲମା ଭୋଗ ଲାଗି କରାଯାଇଥାଏ ।ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ପାର୍ବତୀ, କାର୍ତ୍ତିକେୟ ଓ କାଶୀବିଶ୍ୱନାଥ ପୂଜା ପାଉଛନ୍ତି ।ପାରଳା ମହାରାଜା କାଶୀବିଶ୍ୱନାଥଙ୍କୁ ବସାଇଥିଲେ । ଲୋକଙ୍କ ବିଶ୍ୱାସ ରହିଛି ଭକ୍ତଙ୍କ ଡାକ ଶୁଣି ସବୁ ସମସ୍ୟାର ସମାଧାନ କରିଥାନ୍ତି ବାବା ଲୋକନାଥ । ଆଉ ଏହି ବିଶ୍ୱାସକୁ ଆଧାର କରି ଭକ୍ତ ଛୁଟି ଆସନ୍ତି ବାବା ବାଲି ଲୋକନାଥଙ୍କ ପୀଠକୁ ।



# ଶଙ୍ଖା-ସିନ୍ଦୂର

ହାତରେ ଶଙ୍ଖା, ମଥାରେ ସିନ୍ଦୂର ଓ ପାଦରେ ଅଳତା- ଏହା ହେଉଛି ଜଣେ ବିବାହିତା ହିନ୍ଦୁ ନାରୀର ଭୂଷଣ । ଆଜିକାଲି କିନ୍ତୁ ଏହାର ମହତ୍ୱ କେହି ବୁଝୁନାହାନ୍ତି । ଅନେକେ ଏହାକୁ ହିନ୍ଦୁ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ବୋଲି ମାନିଲେଣିୟ ହିନ୍ଦୁମାନେ ଏକ ବୈଜ୍ଞାନିକ ଜାତି- ସେମାନେ କେବେ ବି କେଣସି ଅଯଥା ଜିନିଷକୁ ତାଙ୍କ ସଂସ୍କୃତିରେ ରଖିନାହାନ୍ତି । ସକାଳୁ ଉଠି ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣି ଦେବା, ତୁଳସୀ ମୂଳେ ପାଣି ଦେବା ଓ ପୂଜା କରିବା, ସନ୍ଧ୍ୟାବତି ଜାଳିବା, ଗୋମାତାର ସେବା କରିବା- ଏ ସବୁ ଭିତରେ ରହିଛି ଅସୀମ ଉପାଦେୟତା ଓ ବୈଜ୍ଞାନିକ କାରଣ । ଆମ ଗୁରୁଦେବ କହନ୍ତି- ''ଲୁହା ପୋଷେ ରକ୍ତକଣା ଶଙ୍ଖ ପୋଷେ ହାଡ଼, ସିନ୍ଦୂର ତ ଶୋଭା ବାଏ ବନ୍ଧ୍ୟାର ପ୍ରତିକାର ।'' (ଅନୁଶ୍ରୁତି) । ଅର୍ଥାତନାରୀମାନେ ହାତରେ ଯେଉଁ ଲୁହା ଚୁଡ଼ି ଓ ଶଙ୍ଖରେ ତିଆରି ଶଙ୍ଖା ପିନ୍ଧନ୍ତି, ତାହାର ଉପାଦେୟତା ରହିଛ । ଲୁହା ବା ଲେହସାର ଆମର ରକ୍ତକଣିକାକୁ ପୋଷଣ ଦିଏୟ କ୍ୟାଲସିୟମ କାର୍ବୋନେଟ୍ରେ ତିଆରି ଶଙ୍ଖା ଆମର ହାଡ଼କୁ ପୋଷଣ ଦିଏୟ ସିନ୍ଦୂର ନାରୀର ଶୋଭା ବୃଦ୍ଧି କରିବା ସହ ବନ୍ଧ୍ୟାଦୋଷର ନିରାକରଣ କରେୟ ସେଥିପାଇଁ ହାତରେ ଲୁହା ଓ ଶଙ୍ଖର ଚୁଡ଼ି ପିନ୍ଧିବା ଓ ମଥାରେ ସିନ୍ଦୂର ଲଗାଇବାର ପରମ୍ପରା ରହିଛି । ତା'ଛଡ଼ା ପାଦରେ ଯେଉଁ ଅଳତା ପିନ୍ଧାଯାଏ, ତାହା ସୈନ୍ଦର୍ଯ୍ୟ ବୃଦ୍ଧି କରିବା ସହ ପାଦ ଫାଟିବା ଇତ୍ୟାଦିକୁ ନିରୋଧ କରିଥାଏ । କେବଳ ଲୁହା ଓ ଶଙ୍ଖ ନୁହେଁ, ଅନ୍ୟ ଧାତୁ ଯଥା ସୁନା ଓ ରୂପାର ଚୁଡ଼ି ମଧ୍ୟ ପିନ୍ଧାଯାଏ । କମ୍ ପରିମାଣର ହେଲେ ବି ଆମ ଶରୀର ସୁନା ଓ ରୂପାର ଧାତୁସାର ମଧ ଆବଶ୍ୟକ କରେ । ତେବେ ସବୁଠୁ ଅଧିକ ଆବଶ୍ୟକ ଲୁହା । ଯେତେବେଳେ ଜଣେ ମହିଳା ସନ୍ତାନ ପ୍ଲାନିଂ ନେଇ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତା'ର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ପରେ ଅଭାବ ଥାଉ ବା ନ ଥାଉ, ଆଇରନ, କ୍ୟାଲସିୟମ୍, ଫଲିକ୍ ଏସିଡ୍ ଓ ଭିଟାମିନ୍ ଇ ଖାଇବାକୁ ଦିଅନ୍ତି । କାରଣ ଗର୍ଭବତୀ ହେଲେ ଏଇ ଧାତୁସାର ଓ ଭିଟାମିନଗୁଡ଼ିକର ଅଧିକ ଆବଶ୍ୟକତା ପଡ଼େ । କବିରାଜ ପାଠରେ ବି ମାଆମାନଙ୍କୁ ଦୂବରସ ଓ ମହୁ ଖାଇବାକୁ ପରାମର୍ଶ ଦିଆଯାଏ । ଏଥିରେ ବି ଆବଶ୍ୟକ



ଆଇରନ ଓ କ୍ୟାଲସିୟମ ରହିଛ । ସିନ୍ଦୂର ମଧ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେୟ ମଥାରେ ଦୁଇ ଭ୍ରୁଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚେଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି । ସିନ୍ଥିର ସିନ୍ଦୂର ଗାର ଟାଣିବା ସୂଚେଏ ସେହି ପୁରୁଷ ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିସାରିଛି, ଅର୍ଥା ତା'ର ବିବାହ ହୋଇସାରିଛ । ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ । ଜ୍ୟୋତିଷ ପାଠରେ ମଙ୍ଗଳଗ୍ରହ ସହ ନାଲିରଙ୍ଗ ଓ ରକ୍ତର ସମ୍ବନ୍ଧ ରହିଛି । ବିଜ୍ଞାନରେ ମଙ୍ଗଳଗ୍ରହକୁ ରେଡ୍ ପ୍ଲାନେଟ୍ ବୋଲି କୁହାଯାଏ । ଯେଉଁମାନଙ୍କ ଜାତକରେ ମଙ୍ଗଳଦୋଷ ଥାଏ ଏବଂ ଯେଉଁମାନେ ଜାତକରେ ମଙ୍ଗଳର ଦୁଃସ୍ଥିତିଜନିତ ପୀଡ଼ା ଭୋଗୁଥାନ୍ତି, ସେମାନଙ୍କୁ ତାହାର ପ୍ରତିକାର କରିବାକୁ ପରାମର୍ଶ ଦିଆଯାଏ । ନାଲିଧଡ଼ିର ଲୁଗା ପିନ୍ଧିବା, ଅଳତା ଓ ସିନ୍ଦୂର ପରି ନାଲି ରଙ୍ଗ ବ୍ୟବହାର କରିବା ମଧ ଅନେକାଂଶରେ ମଙ୍ଗଳଦୋଷର ନିବାରଣ କରିଥାଏ । ସିନ୍ଦୂର ମଧ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେ । ମଥାରେ ଦୁଇ ଭ୍ରୁଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚେଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି । ସିଁଥିରେ ସିନ୍ଦୂର ଗାର ଟାଣିବା ସୂଚେଏ ସେହି ପୁରୁଷ ତାକୁ ପତ୍ନୀରୂପେ ଗ୍ରହଣ କରିସାରିଛି, ଅର୍ଥାତ ତା'ର ବିବାହ ହୋଇସାରିଛିୟ ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ । ଆଗକାଳରେ ଦୁଷ୍ଟ ପ୍ରକୃତିର ରାଜା-ମହାରାଜାମାନେ ତଥା ମୁସଲମାନ ରାଜୁତ୍ୱ ସମୟରେ ମୁସଲମାନ ସିପାହୀ ଓ ସେନ୍ୟମାନେ ସୁନ୍ଦରୀ ଝିଅମାନଙ୍କ ଉପରେ ଖରାପ ନଜର ପକାଉଥିଲେ । ସେଥିପାଇଁ ଝିଅମାନଙ୍କୁ କମ୍ ବୟସରେ ବାହା କରି ଦିଆଯାଉଥିଲା, ସେମାନେ କ୍ୱଚିତ୍ ଏକୁଟିଆ ପଦାକୁ ବାହାରୁଥିଲେ ଏବଂ ଯେତେବେଳେ ବି ପଦାକୁ ବାହାରୁଥିଲେ ମଥାର ସିନ୍ଦୂର ସେମାନଙ୍କୁ ଅନେକାଂଶରେ ରକ୍ଷା କରିବାରେ ସାହାଯ୍ୟ କରୁଥିଲା । ଏହି ସିନ୍ଦୂର ମଧ ଏକ ସ୍ମାରକ ଭାବେ କାମ କରିଥାଏ । ଏହା ନାରୀମାନଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ଯେ ତୁମେ ଜଣେ ବିବାହିତା ନାରୀ, ତୁମର ଜଣେ ସ୍ୱାମୀ ଅଛି, ଦେବତାଙ୍କୁ, ଅଗ୍ନିଙ୍କୁ ସାକ୍ଷୀ ରଖି ତୁମେ ତାଙ୍କୁ ସାତଜନ୍ମ ପାଇଁ ସ୍ୱାମୀରୂପରେ ବରଣ କରିଛ- ତେଣୁ ଅନ୍ୟ ପୁରୁଷଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ ।

# ପର୍ଶୁରାମଙ୍କ ଦ୍ୱାରା ନିହତ ହୋଇଥିଲେ ସହସ୍ରାର୍ଜୁନ

ହୈହବ ବଂଶର ରାଜା ଥିଲେ ଅର୍ଜୁନ । ସେ ଜଣେ ଶ୍ରେଷ୍ଠ କ୍ଷତ୍ରିୟ ଥିଲେ । ନାରାୟଣଙ୍କର ଅଂଶରେ ଜନ୍ମ ନେଇଥିବା ଦତ୍ତାତ୍ରେୟଙ୍କର ସେ ଅନେକ ପ୍ରକାରରେ ସେବା କରି ପ୍ରସନ୍ନ କଲେ । ଏକ ହଜାର ବାହୁ ଓ ଅପରାଜେୟ ରହିବାର ବର ଲାଭ କଲେ । ତାଙ୍କର କୃପାରୁ ଅନେକ ସମ୍ପତ୍ତି,



ଅତୁଳନୀୟ ବଳ, ବୀରତା, କୀର୍ତ୍ତି ଓ ଶାରୀରିକ ବଳ ଲାଭ କଲେ । ସେ ନିଜର ଶକ୍ତି ବଳରେ ଅତି ଛୋଟ କିମ୍ବା ଅତି ବଡ଼ ରୂପ ଧାରଣ କରି ପାରୁଥିଲେ । ସେ ସଂସାରରେ ବାୟୁ ଭଳି ବିନା ବାଧାରେ ଚଳପ୍ରଚଳ ହୋଇ ପାରୁଥିଲେ । ଥରେ ବୈଜୟନ୍ତୀମାଳା ପିନ୍ଧି ସହସ୍ରବାହୁ ଅର୍ଜୁନ ଅନେକ ସୁନ୍ଦରୀ ସ୍ତ୍ରୀମାନଙ୍କ ସହିତ ନର୍ମଦା ନଦୀରେ ଜଳ ବିହାର କରୁଥିଲେ । ସେ ନିଜର ବାହୁ ଦ୍ୱାରା ନଦୀର ପ୍ରବାହକୁ ରୋକିଦେଲେ । ଦଶମୁଖ ରାବଣର ଶିବିର ସେହି ନଦୀ ନିକଟରେ ଥିଲା । ନଦୀର ଧାରା ବିପରୀତ ଦିଗରେ ବହିବାକୁ ଲାଗିଲା । ଫଳରେ ରାବଣର ଶିବିର ବୁଡ଼ିବାରେ ଲାଗିଲା । ରାବଣ ନିଜକୁ ବହୁତ ବଡ଼ ବୀର ବୋଲି ମଣୁଥିଲା । ତେଣୁ ସେ ସହସ୍ରାର୍ଜୁନର ଏପରି ପରାକ୍ରମ ସହି ପାରିଲା ନାହିଁ । ଯେତେବେଳେ ରାବଣ ସହସ୍ରାର୍ଜୁନ ପାଖକୁ ଯାଇ ତାକୁ ଗାଳି ଦେବାରେ ଲାଗିଲା ସେତେବେଳେ ସହସ୍ରାର୍ଜୁନ ତାହାକୁ କଣ୍ଢେଇ ଭଳି ଧରି ନେଇ ନିଜର ରାଜଧାନୀ ମାହିଷ୍ମତୀ ନଗରୀକୁ ନେଇଗଲା ଓ ସେଠାରେ ବନ୍ଦୀ କରି ରଖିଲା । ପରେ ପୁଲସ୍ତ୍ୟ ଋଷି କହିବାରୁ ସହସ୍ରାର୍ଜୁନ ରାବଣକୁ ଛାଡ଼ିଦେଲା । ଥରେ ସହସ୍ରାର୍ଜୁନ ଶିକାର କରିବା ପାଇଁ ଘୋର ଜଙ୍ଗଲକୁ ଯାଇଥିଲେ । ଦୈବବଶତଃ ସେ ଜମଦଗ୍ନିଙ୍କର ଆଶ୍ରମରେ ଯାଇ ପହଞ୍ଚିଲେ । ଜମଦଗ୍ନିଙ୍କର ଆଶ୍ରମରେ କାମଧେନୁ ରହୁଥିଲେ । ତାଙ୍କର ସାହାଯ୍ୟରୁ ଋଷି ସେନା, ମନ୍ତ୍ରୀ ଓ ବାହନଙ୍କ ସହିତ ସହସ୍ରାର୍ଜୁନର ସ୍ୱାଗତ କଲେ । ସେ ଦେଖିଲେ ଯେ,ଜମଦଗ୍ନିଙ୍କର ପ୍ରତାପ ଅଧିକ । ତେଣୁ ସେ ତାଙ୍କର ସ୍ୱାଗତ ସତ୍କାରକୁ ଆଦର ନ କରି କାମଧେନୁକୁ ନେବା ପାଇଁ ନିଜର ସେବକମାନଙ୍କୁ ଆଦେଶ ଦେଲେ । ଆଦେଶ ଶୁଣି ସେବକଗଣ କାମଧେନୁଙ୍କୁ ତାର ବାଛୁରୀ ସହିତ ମାହିଷ୍ମତୀ ନଗରୀକୁ ନେଇଗଲେ । ଯେତେବେଳେ ପର୍ଶୁରାମ ଆସିଲେ, ସେ ସହସ୍ରାର୍ଜୁନର ଏତାଦୃଶ କର୍ମରେ ଅତ୍ୟନ୍ତ କ୍ଷୁବ୍ଧ ହେଲେ । ସେ ନିଜର ଭୟଙ୍କର ଫାର୍ସା, ଢ଼ାଲ ଏବଂ ଧନୁ ନେଇ ତାରରାଜଧାନୀକୁ ଗଲେ । ସହସ୍ରାର୍ଜୁନ ନିଜର ରାଜଧାନୀରେ ପ୍ରବେଶ କରୁଥିଲା ବେଳେ ଦେଖିଲା ଯେ, ପର୍ଶୁରାମ ଅତ୍ୟନ୍ତ କ୍ରୋଧର ସହିତ ତା ଆଡ଼କୁ ମାଡ଼ି ଆସୁଛନ୍ତି । ତାହାକୁ ଦେଖିବା ମାତ୍ରେ ସେ ଅନେକ ଅସ୍ତ୍ର,ଶସ୍ତ୍ରରେ ସୁସଜ୍ଜିତ ହାତୀ, ଘୋଡ଼ା, ରଥ ତଥା ପଦାତି ଯୁକ୍ତ ସୈନ୍ୟମାନଙ୍କୁ ପଠାଇଲା । ପର୍ଶୁରାମ ନିଜର ଫାର୍ସା ସାହାଯ୍ୟରେ ସମସ୍ତ ସୈନ୍ୟମାନଙ୍କୁ ମାରିଦେଲେ । ସୈନ୍ୟମାନଙ୍କର ମୃତ୍ୟୁ ହେବାର ଦେଖି ସହସ୍ରାର୍ଜୁନ ନିଜେ ଆସି ପର୍ଶୁରାମ୍‌ଙ୍କ ସହିତ ଯୁଦ୍ଧ କଲା । ସେ ଥରକରେ ନିଜର ହଜାରେବାହୁରେ ପାଞ୍ଚଶହଟି ବାଣ ପର୍ଶୁରାମଙ୍କ ଉପରକୁ ଛାଡ଼ିଲା । ପର୍ଶୁରାମ୍ ନିଜର ଗୋଟିଏ ବାଣରେ ସେଗୁଡ଼ିକୁ କାଟି ପକାଇଲେ । ପର୍ଶୁରାମ ନିଜର ଫାର୍ଶା ସାହାଯ୍ୟରେ ସହସ୍ରାର୍ଜୁନର ବାହୁଗୁଡ଼ିକୁ କାଟିଦେଲେ । ପରେ ପର୍ଶୁରାମ୍ ତାର ମୁଣ୍ଡ କାଟି ପକାଇଲେ । ସହସ୍ରାର୍ଜୁନର ମୃତ୍ୟୁ ଦେଖି ତାର ୧୦ ହଜାର ପୁଅ ଭୟରେ ପଳାଇଗଲେ । ପରେ ପର୍ଶୁରାମ୍ କାମଧେନୁକୁ ଆଣି ଜମଦଗ୍ନିଙ୍କୁ ଫେରାଇ ଦେଲେ । ଏହିପରି ଭାବରେ ସହସ୍ରାର୍ଜୁନ ନିଜର ଗର୍ବ ଯୋଗୁଁ ପର୍ଶୁରାମଙ୍କ ଦ୍ୱାରା ନିହତ ହେଲା ।

# ଗାଲେ ଟେଷ୍ଟରେ ଭାରତର ବୃହତ୍ ବିଜୟ

## ସୂଥାରଙ୍କୁ ୧୦ ୱିକେଟ୍, ଶ୍ରୀଲଙ୍କା ୨୦୬ ରନ୍‌ରେ ଅଲ୍‌ଆଉଟ୍, ୧୬୭ ରନରେ ହାରିଲା, ୬୦୦ତମ ଟେଷ୍ଟରେ ଭାରତର ମାଇଲଖୁଣ୍ଟ



ଗାଲେ, ୧୯।୮(ଏଜେନ୍ସି): ଉଦୀୟମାନ ବାମହାତୀ ସ୍ପିନର୍ ମାନବ ସୂତାରଙ୍କ ଚମକରେ ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାରେ ଭାରତ ୧-୦ରେ ଆଗୁଆ ହେଇଯାଇଛି। ଏହି ବିଜୟ ସହ ଭାରତ ନିଜର ୬୦୦ତମ ମାଇଲ୍‌ଖୁଣ୍ଟ ଟେଷ୍ଟ୍‌କୁ ଆହୁରି ସ୍ମରଣୀୟ କରିଛି। ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ୍‌ରେ ସୂଥାରଙ୍କ ୧୦ ୱିକେଟ୍ ସଫଳତା ବଳରେ ଭାରତ ୧୬୫ ରନ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମ ପାଳିରେ ୪ ଓ୍ୱିକେଟ୍ ନେଇଥିବା ସୂଥାର ଦ୍ୱିତୀୟରେ ୬/୫୫ ସଫଳତା ପାଇବାରୁ ୩୭୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଶ୍ରୀଲଙ୍କା ୨୦୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ତେବେ ପ୍ରଥମ ପାଳି ୧୬୭ ଓ ଦ୍ୱିତୀୟରେ ୪୪ ରନ୍ କରିଥିବା ଦେବଦତ୍ତ ପଡିକଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଦ୍ୱିତୀୟ ତଥା ଶେଷ ଟେଷ୍ଟ୍ ମ୍ୟାଚ୍ କଲମ୍ବୋରେ ୨୩ ତାରିଖରୁ ଖେଳାଯିବ।

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟକୁ ବିଶାଳ ୧୬୫ ରନରେ ଭାରତ ଜିତିବା ମାତ୍ରେ ଗାଲ୍‌ରେ ଆରମ୍ଭ ହୋଇଯାଇଛି ବର୍ଷା। ଭାରତ ଆଜି ଶେଷ ଦିନରେ ଟେଷ୍ଟ ମ୍ୟାଚ୍‌କୁ ଜିତିବା ପାଇଁ ୬ ୱିକେଟ ଆବଶ୍ୟକ କରୁଥିଲେ। ସତେ ଯେମତି ଇନ୍ଦ୍ର ଦେବ ଭାରତର ବିଜୟକୁ ଅପେକ୍ଷା କରି ରହିଥିଲେ। ପ୍ରଥମ ୯୦ ମିନିଟ ଶ୍ରୀଲଙ୍କା ଅଧିନାୟକ ଧନଞ୍ଜୟ ଡିସିଲଭା ଓ ସୋନାଲ ଦିନୁଶା ନିଜର ଦମ ଦେଖାଇଥିଲେ। ଉଭୟ ନିଜ ନିଜର ଅର୍ଦ୍ଧଶତକ ମଧ ହାସଲ କରିଥିଲେ। କିନ୍ତୁ ଲଞ୍ଚ ପରେ ସବୁ କିଛି ବଦଳି ଯାଇଥିଲା।

ବାମହାତୀ ସ୍ପିନର ମାନବ ସୂତାର ଗୋଟିଏ ଓଭରରେ ୩ଟି ୱିକେଟ ନେଇ ଶ୍ରୀଲଙ୍କାର ଅଣ୍ଟା ଭାଙ୍ଗି ଦେଇଥିଲେ। ଆଉ ଶେଷରେ ସେ କେଶରା ନୁଓ୍ୱାନ୍ଥାକୁ ଆଉଟ କରି ଶ୍ରୀଲଙ୍କା ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି।

ଦ୍ୱିତୀୟ ଇନିଂସରେ ୬ ୱିକେଟ ନେଇଥିବା ସୂତାର ପ୍ରଥମ ଇନିଂସରେ ୪ ସଫଳତା ପାଇଥିଲେ। ଅର୍ଥାତ ସେ ମ୍ୟାଚ୍‌ରେ ଏକାକୀ ୧୦ ୱିକେଟ ନେଇଛନ୍ତି। ତେବେ ପ୍ରଥମ ଇନିଂସରେ ଶତକ ଓ ଦ୍ୱିତୀୟ ଇନିଂସରେ ୪୪ ରନର ଇନିଂସ ଖେଳିଥିବା ଦେବଦତ୍ତ ପାଡିକ୍କଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇଛି।

ଏହି ବିଜୟ ସହ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଗୁରୁତ୍ୱପୂର୍ଣ୍ଣ ୧୨ ପଏଣ୍ଟ ହାସଲ କରି ନେଇଛି। ଏଥିସହ ଶ୍ରୀଲଙ୍କା ବିପକ୍ଷ ୨ ଟିକିଆ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି। ଆସନ୍ତା ୨୩ରୁ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ।

ମ୍ୟାଚ୍ ଜିତିବାକୁ ଶ୍ରୀଲଙ୍କା ୩୭୨ ରନର ଟାର୍ଗେଟ ପାଇଥିଲା। ୪ର୍ଥ ଦିନର ଖେଳ ଶେଷ ସୁଦ୍ଧା ଘରୋଇ ଟିମ ୪ ୱିକେଟ ହରାଇ ୮୪ ରନ କରି ନେଇଥିଲା। ଡିସିଲଭା ୩୧ ରନ ଓ ଦିନୁଶା ୨୫ ରନ କରି ଅପରାଜିତ ରହିଥିଲେ। ଶେଷ ଦିନରେ ଭାରତକୁ ୬ ୱିକେଟ ଓ ଶ୍ରୀଲଙ୍କାକୁ ବିଜୟ ପାଇଁ ୨୮୮ ରନ ଦରକାର ଥିଲା।

ଦିବସର ଆରମ୍ଭ ଶ୍ରୀଲଙ୍କା ବେଶ ଦମଦାର ଢଙ୍ଗରେ କରିଥିଲା। ଡିସିଲଭା ଓ ଦିନୁଶା ପ୍ରଥମ ୯୦ ମିନିଟ ଭାରତୀୟ ବୋଲରଙ୍କୁ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଉଭୟ ୫ମ ୱିକେଟ ପାଇଁ ୯୫ ରନ ଯୋଡିଥିଲେ। ୨୦୨ଟି ବଲ ମଧ ଖେଳିଥିଲେ।

କିନ୍ତୁ ଜାଡେଜା ପ୍ରଥମେ ଏହି ଯୋଡିକୁ ଭାଙ୍ଗିଥିଲେ। ୫୯ ରନ କରିଥିବା ଡିସିଲଭା ତାଙ୍କ ଶିକାର ବନିଥିଲେ। ଏହାପରେ ଆସିଥିବା ଡିକଓ୍ୱେଲା କେବଳ ୧୦ ରନ କରି ପାରିଥିଲେ। ତାଙ୍କ ୱିକେଟ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଖାତାକୁ ଯାଇଥିଲା।

କିଛି ସମୟ ବ୍ୟବଧାନରେ ଶ୍ରୀଲଙ୍କା ଦୁଇଟି ୱିକେଟ ହରାଇଥିଲେ ହେଁ ଦିନୁଶା ଓ ନୁଓ୍ୱାନ୍ଥା ସ୍ଥିତି ସମ୍ଭାଳିଥିଲେ। ଉଭୟ ପୁଣି ୧୫ ଓଭର ବ୍ୟାଟିଂ କରିଥିଲେ। ହେଲେ ମାନବ ସୂତାର ନିଜର ଜଲୱା ଦେଖାଇଥିଲେ।

ସେ ଗୋଟିଏ ଓଭରରେ ଦିନୁଶା(୮୪), ପ୍ରଭତ ଜୟସୁରିୟା(୦) ଓ ଲାହିରୁ କୁମାର(୦)ଙ୍କୁ ଆଉଟ କରି ଦେଇଥିଲେ। ଏହାପରେ ସେ ନୁଓ୍ୱାନ୍ଥା(୨୦)ଙ୍କୁ ଆଉଟ କରି ମ୍ୟାଚରେ ନିଜର ୧୦ମ ସଫଳତା ହାସଲ କରିଥିଲେ। ଏଥିସହ ଶ୍ରୀଲଙ୍କା ବିପକ୍ଷ ୧୬୫ ରନ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦ୍ୱିତୀୟ ଇନିଂସରେ ସୂତାର ୬ ସଫଳତା ପାଇଥିବା ବେଳେ ପ୍ରସିଦ୍ଧ ୨ଟି, ସିରାଜ ଓ ଜାଡେଜା ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି। ଭାରତ ଶେଷ ୱିକେଟ ଦଖଲ ଯାଏ ଗଲ୍‌ର ଆକାଶ ପୂରା ସଫା ରହିଥିଲା। କିନ୍ତୁ ଶେଷ ୱିକେଟ ଯିବାର ୫ ମିନିଟ ପରେ ହଠାତ୍ ଘୋଟି ଆସିଥିଲା କଳା ବାଦଲ। ଆଉ ଏହାପରେ ଆରମ୍ଭ ହୋଇଯାଇଛି। ଯଦି ୫ ମିନିଟ ପୂର୍ବରୁ ବର୍ଷା ହୋଇଥାଆନ୍ତା, ତା'ହେଲେ ଭାରତର ବିଜୟ ମଧ ବିଳମ୍ବିତ ହେବାର ଆଶଙ୍କା ରହିଥିଲା। ଏବେ ଭାରତ ବିଜୟ ସହ ସିରିଜରେ ଆଗୁଆ ହୋଇଯାଇଛି।

## ବିଜୟ ସତ୍ତ୍ୱେ ଡବ୍ଲୁଟିସି ପଏଣ୍ଟ ଟେବୁଲ୍‌ରେ ଭାରତ ୫ମ

ଦୁବାଇ, ୧୯।୮: ଶ୍ରୀଲଙ୍କା ବିପକ୍ଷ ବଡ ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲରେ ଭାରତକୁ ବଡ ଫାଇଦା ମିଳିଛି। ଭାରତ ପୂର୍ବଭଳି ୫ମ ସ୍ଥାନରେ ରହିଥିଲେ ହେଁ ଦଳର ବିଜୟ ପ୍ରତିଶତ ପଏଣ୍ଟ ୪୮.୧୫ରୁ ବି ୫୩.୩୩ରେ ପହଞ୍ଚି ଯାଇଛି। ଶ୍ରୀଲଙ୍କା ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଏହାର ପିସିଟି ୩୩.୩୩ ରହିଛି। ଶ୍ରୀଲଙ୍କା ବିପକ୍ଷରେ ଭାରତ ବଡ ବିଜୟ ହାସଲ କରିଛି ସତ। କିନ୍ତୁ ଗତ ସପ୍ତାହରେ ବାଂଲାଦେଶ ଡରୱିନ ଟେଷ୍ଟରେ ଅଷ୍ଟ୍ରେଲିଆକୁ ଅପ୍ରତ୍ୟାଶିତ ଢଙ୍ଗରେ ହରାଇଥିବାରୁ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନ ହାସଲ କରି ନେଇଛି। ବାଂଲାଦେଶର ବିଜୟ ପ୍ରତିଶତ ପଏଣ୍ଟ ୬୬.୬୭। ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ୧ ନମ୍ବର, ଦକ୍ଷିଣ ଆଫ୍ରିକା ୨ ନମ୍ବର ଓ ନ୍ୟୁଜିଲ୍ୟାଣ୍ଡ ପଏଣ୍ଟ ଟେବୁଲର ୩ ନମ୍ବରର ସ୍ଥାନରେ ଅଛି। ଭାରତ ଏବେ ୫ମ ସ୍ଥାନରେ ଥିବା ବେଳେ ଶ୍ରୀଲଙ୍କା ବିପକ୍ଷରେ ଦଳ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ରୁ ଖେଳିବ। ଏହାପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ସାଇକେଲ୍‌ରେ ଦଳ ଆହୁରି ୭ଟି ମ୍ୟାଚ୍ ଖେଳିବାର ଅଛି। ଏଯାଏ ଭାରତ ୧୦ଟି ଟେଷ୍ଟରୁ ୪ଟି ହାରି ସାରିଥିବାରୁ ଶୁବମନ ଗିଲଙ୍କ ଭାରତ ପାଇଁ ବାକି ସମସ୍ତ ମ୍ୟାଚ କର ବା ମର ଭଳି ସଦୃଶ ହୋଇଛି। ଶ୍ରୀଲଙ୍କା ସିରିଜ ପରେ ଭାରତ ନଭେମ୍ବରରେ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରି ୨ଟି ଟେଷ୍ଟ ଖେଳିବ।



ଏହାପରେ ଡବ୍ଲୁଟିସି ସାଇକେଲର ଶେଷ ସିରିଜରେ ଭାରତ ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ ଭେଟିବ। ଦୁଇ ଦେଶ ମଧ୍ୟରେ ଆସନ୍ତା ବର୍ଷ ଆରମ୍ଭରୁ ୫ଟି ଟେଷ୍ଟ ଖେଳାଯିବ। ବାଂଲାଦେଶ ଯେହେତୁ ଅଷ୍ଟ୍ରେଲିଆକୁ ପ୍ରଥମ ଟେଷ୍ଟରେ ହରାଇ ଦେଇଛି, ତେଣୁ ଡବ୍ଲୁଟିସି ଫାଇନାଲ ଟିକେଟ ହାସଲ କରିବାକୁ ହେଲେ ଭାରତକୁ ବାକି ସମସ୍ତ ମ୍ୟାଚ୍ ଜିତିବାକୁ ପଡିବ। ବାକି ଥିବା ୮ଟି ଟେଷ୍ଟରୁ ଯଦି ଭାରତ ୭ଟି ଜିତି ପାରୁଛି, ତା'ହେଲେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଦଳର ବିଜୟ ପ୍ରତିଶତ ୬୮.୬୨ ହୋଇଯିବ। କିନ୍ତୁ ୬ଟି ବିଜୟ ଓ ୨ଟି ପରାଜୟ ଏହାକୁ ୬୨.୯୬କୁ ଖସାଇ ଦେବ।

## ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଦଳ ଲଣ୍ଡନରେ ସମ୍ମାନିତ

ଲଣ୍ଡନ, ୧୯।୮: ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଖେଳାଳିଙ୍କ ସାହସ, ଦୃଢ଼ତା ଏବଂ ସଫଳତାକୁ ସମ୍ମାନ ଜଣାଇ ଦକ୍ଷିଣ ପୂର୍ବ ଲଣ୍ଡନର ଏକ ପୁରସ୍କାର ପ୍ରାପ୍ତ ଚିଲିକା ରେଷ୍ଟୋରାଁ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ଖେଳାଳିମାନଙ୍କୁ ଭାରତୀୟ ପରମ୍ପରା ଅନୁଯାୟୀ ସ୍ୱାଗତ କରାଯାଇଥିଲା। ବିଭିନ୍ନ ଭାରତୀୟ ସମୁଦାୟର ଲୋକେ ଏକାଠି ହୋଇ ଖେଳାଳିଙ୍କ ସହ ଖୁସି ବାଣ୍ଟିଥିଲେ। ଏହି ସମ୍ମାନ ଖେଳାଳିଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ମ୍ୟାଚ୍ ପାଇଁ ସେମାନଙ୍କୁ ଉତ୍ସାହ ଦେଇଛି। ଏହା ବ୍ରିଟେନ୍‌ରେ ଥିବା ଭାରତୀୟ ସମୁଦାୟର ଦଳ ପ୍ରତି ଥିବା ସମର୍ଥନ ମଧ ଦର୍ଶାଇଛି। ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଦଳ ନିଜ ଦୃଢ଼ ମନୋବଳ ଓ ପରିଶ୍ରମ ଦ୍ୱାରା ଅନେକଙ୍କୁ ପ୍ରେରଣା ଦେଇ ଆସିଛି। ଚିଲିକାରେ ସମ୍ମାନିତ ଖେଳାଳିଙ୍କ ମଧ୍ୟରେ ଜୟେଶ୍ ପରମାର, ତରୁଣ, ରିଜୁଆନ୍ ଅଲତାଫ୍ ଭଟ୍ଟ, ଅର୍ଜୁନ ରାଜେଶ୍ ଗଓ୍ୱାରେ, କୁଲଦୀପ ସିଂ, ଯଶନାଥ ନାଇଡୁ ରାଭୁରି, ବିବେକ କୁମାର, ସୁଦର୍ଶନ ଏଲାଙ୍ଗୋଭାନ୍, ହିଲାଲ୍ ଅହମ୍ମଦ୍ ଓ୍ୱାନି, ସାଇଆକାଶ ସାଇଭାମଣୀ, ରବୀନ୍ଦ୍ର ଗୋପୀନାଥ ସାଣ୍ଟେ, ଯୋଗେନ୍ଦ୍ର ସିଂହ, ବୃଷାନ୍ତ ସନ୍ଦୀପ ଗଞ୍ଜାଲ୍, ରାଜେଶ୍ ଇରାପ୍ପା କନ୍ନୁର, ମଜିଦ୍ ଅହ ମାଗ୍ରେ ଏବଂ ଶିବ ଶଙ୍କର ଗୁଣ୍ଡିଗାନାପାଲ୍ଲୀ ସୁବାରାପ୍ପା ରହିଥିଲେ।

## ମହିଳା ହକି ଡିଫେଣ୍ଡରଙ୍କ ମୁଣ୍ଡ ଫାଟିଲା

ନୂଆଦିଲ୍ଲୀ, ୧୯।୮: ଭାରତୀୟ ମହିଳା ହକି ଟିମର ମଙ୍ଗଳବାର ଐତିହାସିକ ବିଜୟ। ନେଦରଲ୍ୟାଣ୍ଡର ଆମସ୍ ଆମଷ୍ଟେଲଭିନ୍‌ରେ ଖେଳାଯାଉଥିବା ମହିଳା ହକି ବିଶ୍ୱକପ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭାରତ ୬-୧ ଗୋଲ୍‌ରେ ହରାଇଛି। ଯାହାକି ବିଶ୍ୱକପ୍ ଇତିହାସରେ ଭାରତୀୟ ମହିଳା ଟିମ୍ ସବୁଠାରୁ ବଡ଼ ବିଜୟ। ଏହି ବିଜୟ ଦ୍ୱାରା ଭାରତ ନକଆଉଟ୍‌ରେ ଯିବାର ସମ୍ଭାବନା ବଢ଼ିଯାଇଛି। ତେବେ ମ୍ୟାଚ୍ ଶେଷ ହେବାର କିଛି ସେକେଣ୍ଡ ପୂର୍ବରୁ ଭାରତୀୟ ଖେଳାଳି ଇଶିକା ଚେଧୁରୀ ଆହତ ହୋଇଛନ୍ତି। ଯାହାଫଳରେ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ିଯାଇଛି।



ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ୫୬ ମିନିଟ୍‌ରେ ପ୍ରଥମ ଗୋଲ୍ ଦିଆଯାଇଥିଲା। ଏହା ପୂର୍ବରୁ ଭାରତ ୬ ଗୋଲ୍‌ରେ ଆଗୁଆ ଥିଲା। ମ୍ୟାଚ୍ ଶେଷ ହେବାରେ ମାତ୍ର ୧ ମିନିଟରୁ କମ୍ ସମୟ ଥିଲା। ଠିକ୍ ଏହି ସମୟରେ ମେଦାନରେ ଏକ ବିପଦଜନକ ଦୁର୍ଘଟଣା ଘଟିଥିଲା। ଇଶିକା ଚେଧୁରୀ ବଲ୍ ରୋକିବାକୁ ଚେଷ୍ଟା କରୁଥିଲେ, ଡିଫେଣ୍ଡର ଚେଷ୍ଟାରେ ତାଙ୍କ ମୁଣ୍ଡରେ ଦକ୍ଷିଣ ଆଫ୍ରିକାର ଖେଳାଳିଙ୍କ ହକି ଷ୍ଟିକ୍‌ର ପଛ ଭାଗ ମାଡ଼ ହୋଇଯାଇଥିଲା। ଏତେ ଜୋରରେ ଏହା ମାଡ ହୋଇଯାଇଥିଲା ଯେ, ହଠାତ ତାଙ୍କ ମୁଣ୍ଡରୁ ଜୋରଦାର ରକ୍ତ ବାହାରିଥିଲା।ହକି ଷ୍ଟିକ୍ ଦ୍ୱାରା ଆଘାତ ପାଇବା ପରେ ଇଶିକା ଚୌଧୁରୀ ତଳେ ପଡ଼ିଗଲେ। ଡାକ୍ତରୀ ଦଳ ତୁରନ୍ତ ପହଞ୍ଚିଲେ। ଟିସୁ ଏବଂ କପଡା ବ୍ୟବହାର କରି, ସପୋର୍ଟ ଷ୍ଟାଫ୍ ଏବଂ ଫିଜିଓ ତାଙ୍କ କପାଳରୁ ରକ୍ତସ୍ରାବ ବନ୍ଦ କରିଥିଲେ। ଏହା ପରେ, ସେ ତାଙ୍କ କପାଳରେ ଏକ କପଡା ଚାପି ବାହାରକୁ ଚାଲିଗଲେ। ଏହି ସମୟରେ ଅନ୍ୟ ଭାରତୀୟ ଖେଳାଳିମାନେ ମଧ ଚିନ୍ତିତ ଏବଂ ବ୍ୟଥିତ ଦେଖାଯାଉଥିଲେ।

ଦକ୍ଷିଣ ଆଫ୍ରିକା ବିରୋଧରେ ଭାରତୀୟ ଖେଳାଳିଙ୍କ ୬-୧ ରେ ମ୍ୟାଚ୍ ଜିତି ନେଇଛନ୍ତି। ଏହି ମ୍ୟାଚ୍‌ରେ ଭାରତ ପାଇଁ ପ୍ରଥମ ଗୋଲ୍ ସୁନେଲିତା ଟପ୍ପୋ ୧୧ ମିନିଟ୍ରେ ଦେଇଥିଲେ। ଏହାପରେ ୧୭ ତମ ମିନିଟ୍‌ରେ ନଭନିତ କୋର ଦ୍ୱିତୀୟ ଗୋଲ୍ ଦେଇଥିଲେ। ସୁଶୀଲା ଚାନୁ ୨୪ ତମ ଓ ଦୀପିକା ୩୮ ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ଲାଲରେମାସିୟାମି ୪୩ ତମ ମିନିଟ୍‌ରେ ଗୋଲ୍ କରିଥିଲେ। ସେଭଳି ସାକ୍ଷୀ ରାଣା ଭାରତ ପାଇଁ ମ୍ୟାଚ୍‌ରେ ଷଷ୍ଠ ଗୋଲ୍ କରିଥିଲେ। ଭାରତ ଏବେ ଆଗକୁ ନିଜ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଇଂଲଣ୍ଡର ସାମନା କରିବ।

## ଦୁଇ ପତ୍ନୀଙ୍କ କଳହ ମଧ୍ୟରେ ବେହୋସ ହେଲେ ଫୁଟବଲ ପ୍ରଶିକ୍ଷକ

ନୂଆଦିଲ୍ଲୀ, ୧୯।୮: ପ୍ରାୟତଃ, ଦୁଇଜଣଙ୍କ ମଧ୍ୟରେ ବିବାଦର ମଧ୍ୟସ୍ଥତା କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି କ୍ରସଫାୟାରରେ ଫସି ଯାଆନ୍ତି; କିନ୍ତୁ, ଯେତେବେଳେ ବିବାଦ ଜଣେ ପୁରୁଷଙ୍କ ଦୁଇ ସ୍ତ୍ରୀଙ୍କ ମଧ୍ୟରେ ହୁଏ, ନାଟକ ଏକ ସମ୍ପୂର୍ଣ୍ଣ ନୂଆ ମୋଡରେ ପହଞ୍ଚିଥାଏ। ଯଦିଓ ଏହା କୌଣସି ଚଳଚ୍ଚିତ୍ରର ଦୃଶ୍ୟ ପରି ଲାଗିପାରେ, ଏପରି ଏକ ଘଟଣା ପ୍ରକୃତରେ ଜଣେ ଫୁଟବଲ ପ୍ରଶିକ୍ଷକଙ୍କ ସହିତ ଘଟିଥିଲା ଯାହାଙ୍କ ଦୁଇ ପତ୍ନୀ ତାଙ୍କ ସମ୍ମୁଖରେ ଏକ କାଫେରେ ଭୟଙ୍କର ଝଗଡ଼ାରେ ପଡ଼ିଥିଲେ। ଝଗଡ଼ା ଭାଙ୍ଗିବାକୁ ଚେଷ୍ଟା କରିବା ସମୟରେ, ପ୍ରଶିକ୍ଷକ ପଡ଼ିଗଲେ ଏବଂ ଚେତାଶୂନ୍ୟ ହୋଇଗଲେ।



ଏହି ଘଟଣାରେ ଇଜିପ୍ଟର ଜାତୀୟ ଫୁଟବଲ ଦଳର ପ୍ରଶିକ୍ଷକ ହୋସାମ ହାସନ ସାମିଲ ଅଛନ୍ତି। ଏହା ମିଶରର ଉତ୍ତର ଉପକୂଳରେ ଅବସ୍ଥିତ ମାରିନା ଏଲ ଆଲାମେନର ଏକ ବିଳାସପୂର୍ଣ୍ଣ ହୋଟେଲର ଏକ କାଫେରେ ଘଟିଥିଲା। ହାସନଙ୍କ ଦୁଇ ପତ୍ନୀ – ହୁଓ୍ୱାଇଦା ଅଲ-ଘାରବାୱି ଏବଂ ଦିନା ମୁସ୍ତାଫା – ମଧ୍ୟରେ ଏକ ଉଗ୍ର ଯୁକ୍ତିତର୍କ ହୋଇଥିଲା ଯାହା ଶୀଘ୍ର ଶାରୀରିକ ଝଗଡ଼ାରେ ପରିଣତ ହୋଇଥିଲା।

ସ୍ୱାନିସ ଆଉଟଲେଟ 'କାଡେନା ଝରଜ' ଅନୁଯାୟୀ, ହାସନ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ମୁକାବିଲାର ଚାପ ଯୋଗୁ ସେ ଅଚେତ ହୋଇଯାଇଥିଲେ। ଇଜିପ୍ଟର ଗଣମାଧ୍ୟମ 'ଅଲ-ଆରାବିଆ' ପରେ ରିପୋର୍ଟ କରିଛି ଯେ ଘଟଣାର ତୁରନ୍ତ ପରେ ହାସନ ତାଙ୍କ ପ୍ରଥମ ପତ୍ନୀ ହୁଓ୍ୱାଇଦା ଅଲ-ଗରବାୱିଙ୍କୁ ଛାଡପତ୍ର ଦେଇଛନ୍ତି, ଯାହାଙ୍କ ସହିତ ତାଙ୍କର ତିନୋଟି ସନ୍ତାନ ଅଛନ୍ତି।

ସୂଚନାଯୋଗ୍ୟ ଯେ ହାସନ ପୂର୍ବରୁ ଦଶ ବର୍ଷ ପାଇଁ ତାଙ୍କ ପ୍ରଥମ ପତ୍ନୀଙ୍କଠାରୁ ଅଲଗା ହୋଇଯାଇଥିଲେ, ଯଦିଓ ଏହି ଦମ୍ପତି ୨୦୨୨ ମସିହାରେ ପୁଣି ଥରେ ଏକାଠି ହୋଇଥିଲେ। ହାସନ ୨୦୧୫ ମସିହାରେ ତାଙ୍କର ଦ୍ୱିତୀୟ ପତ୍ନୀଙ୍କୁ ବିବାହ କରିଥିଲେ ଏବଂ ବହୁ ସମୟ ଧରି ଉଭୟ ମହିଳାଙ୍କ ସହିତ ରହୁଥିଲେ। କାଫେରେ ଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ସୁରକ୍ଷା କର୍ମୀମାନେ ଦୁଇ ମହିଳାଙ୍କୁ ଅଲଗା କରିବା ପାଇଁ ସଂଘର୍ଷ କରିଥିଲେ, ଶେଷରେ ପୋଲିସ ହସ୍ତକ୍ଷେପ ଆବଶ୍ୟକ ହୋଇଥିଲା। ଏହି ଝଗଡ଼ାର ଭିଡିଓ କ୍ଲିପ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ହାସନ ପ୍ରଥମ ଥର ପାଇଁ ବିବାଦରେ ଫସି ନାହାନ୍ତି। ତାଙ୍କ ପତ୍ନୀମାନଙ୍କ ସହିତ ଜଡିତ ଏହି ଅଜବ ବିବାଦ ପୂର୍ବରୁ, ସେ ସେହି ବର୍ଷ ଆରମ୍ଭରେ ଫିଫା ବିଶ୍ୱକପ ସମୟରେ ଦିଆଯାଇଥିବା ଏକ ବୟାନକୁ ନେଇ ଶିରୋନାମାରେ ସ୍ଥାନ ପାଇଥିଲେ। ଟୁର୍ଣ୍ଣାମେଣ୍ଟ ସମୟରେ, ହାସନ ଅଭିଯୋଗ କରିଥିଲେ ଯେ ଫିଫା ଲିଓନେଲ ମେସି ଏବଂ ଆର୍ଜେଣ୍ଟିନା ସପକ୍ଷରେ ପକ୍ଷପାତିତା ଦେଖାଇଛି। ହାସନ ଆର୍ଜେଣ୍ଟିନା ଏବଂ ଇଜିପ୍ଟ ମଧ୍ୟରେ ରାଉଣ୍ଡ ଅଫ ୧୬ ମ୍ୟାଚ ପରେ ଏହି ଅଭିଯୋଗ କରିଥିଲେ। ଏହି ମ୍ୟାଚରେ ଆର୍ଜେଣ୍ଟିନା ଇଜିପ୍ଟକୁ ୩-୨ ଗୋଲରେ ପରାସ୍ତ କରିଥିଲା, ଏହି ସମୟରେ ଠଇଜ ହସ୍ତକ୍ଷେପ ପରେ ହାସନଙ୍କ ଦଳର ଏକ ଗୋଲକୁ ଅଗ୍ରାହ୍ୟ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିବା ପରେ, ହାସନ ଦାବି କରିଥିଲେ ଯେ ତାଙ୍କ ଦଳ ସହିତ ଅନ୍ୟାୟ ବ୍ୟବହାର କରାଯାଇଛି।

## ୱାର୍ଣ୍ଣର ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ, ୧୯।୦୮: ମଦ୍ୟପାନ କରି ଗାଡି ଚଳାଉଥିବା ମାମଲାରେ ଅଷ୍ଟ୍ରେଲୀୟ କ୍ରିକେଟର ଡେଭିଡ ୱାର୍ଣ୍ଣରଙ୍କୁ ସିଡନୀ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ପରେ ଏବେ ତାଙ୍କୁ ଗାଡି ଚଲାଇବା ପାଇଁ ଏକ ଇଣ୍ଟରଲକ୍ ଡିଭାଇସ୍ ବ୍ୟବହାର କରିବାକୁ ପଡିବ। ଇଷ୍ଟର ସଣ୍ଡେ ଦିନ ରେମଣ୍ଡ ବ୍ରେଥ୍ ଟେଷ୍ଟିଙ୍ଗ ସାଇଟରେ ପହଞ୍ଚିବା ପରେ ଜଣେ ଯାତ୍ରୀଙ୍କ ସହିତ ସିଟ୍ ବଦଳାଇବାକୁ ଚେଷ୍ଟା କରୁଥିବା ବେଳେ ଡେଭଡ ୱାର୍ଣ୍ଣରଙ୍କୁ 'ମିଡ୍-ରେଞ୍ଜ୍ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ' ପାଇଁ ୧୫୦୦ ଆମେରିକୀୟ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ଏକ ଲକ୍ଷ ଟଙ୍କା ଜରିମାନା ଲାଗୁ କରାଯାଇଛି।



ଏହି ଘଟଣାଟି ଏପ୍ରିଲ ୫ (ଇଷ୍ଟର ସଣ୍ଡେ) ରେ ଘଟିଥିଲା। ୱାର୍ଣ୍ଣର ଗାଡି ନେଇ ଯାଉଥିବା ବେଳେ ର୍ୟାଣ୍ଡମ ବ୍ରେଥ୍ ଟେଷ୍ଟିଙ୍ଗର ସମ୍ମୁଖିନ ହୋଇଥିଲେ। ସେଠାରେ ସେ ଆଇନଗତ ସୀମାଠାରୁ ଦୁଇଗୁଣ ଅଧିକ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ପରେ ପୂର୍ବତନ ଟେଷ୍ଟ ଓପନରଙ୍କ ବିରୋଧରେ 'ମିଡ୍-ରେଞ୍ଜ, ଡ୍ରଙ୍କ ଆଣ୍ଡ ଡ୍ରାଇଭ' ଅର୍ଥାତ୍ ମଦ୍ୟପାନ କରି ଗାଡି ଚାଳନା ଅଭିଯୋଗର ସମ୍ମୁଖିନ ହୋଇଥିଲେ। ଗତ ମାସରେ, ୱାର୍ଣ୍ଣର ସିଡନୀ କୋର୍ଟରେ ମଦ୍ୟପାନ କରି ଗାଡି ଚାଳନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ମାମଲାରେ ଚୂଡ଼ାନ୍ତ ଦଣ୍ଡ ଘୋଷଣା ପାଇଁ କୋର୍ଟ ଅଗଷ୍ଟ ୧୮ ତାରିଖ ଧାର୍ଯ୍ୟ କରିଥିଲେ, ଯେଉଁଠାରେ ସ୍ଥାନୀୟ ଟ୍ରାଫିକ୍ ଆଇନ ଅନୁଯାୟୀ ୱାର୍ଣ୍ଣରଙ୍କୁ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥିଲା। 'cricket.com.au' ର ଏକ ରିପୋର୍ଟ ଅନୁଯାୟୀ, ୱାର୍ଣ୍ଣରଙ୍କ ଓକିଲ, ଅବୈସ ଅହମ୍ମଦ ଯୁକ୍ତି ଦେଇଥିଲେ ଯେ ତାଙ୍କୁ ଏହି ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯିବା ଉଚିତ୍ ନୁହେଁ, କାରଣ ସେ ପୂର୍ବରୁ ଗଣମାଧ୍ୟମ କଭରେଜ୍ ଯୋଗୁଁ ଅତିରିକ୍ତ ଦଣ୍ଡ ଭୋଗିସାରିଛନ୍ତି।ଆଓ୍ୱେସ୍ ୱାଭରଲି ସ୍ଥାନୀୟ କୋର୍ଟକୁ କହିଥିଲେ ଯେ ତାଙ୍କ କ୍ଲାଏଣ୍ଟଙ୍କ ଭୁଲକୁ ରଝଟଘ, ଅଲ୍ ଜାଜିରା ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ କରାଯାଇଛି। ଭାରତ ଏବଂ ବାଂଲାଦେଶ ଭଳି ଦେଶରେ ଯେଉଁଠାରେ ୱାର୍ନର ଟି୨୦ ଫ୍ରାଞ୍ଚାଇଜ୍ ଲିଗରେ ଖେଳିବାକୁ ଚେଷ୍ଟା କରୁଛନ୍ତି, ସେଠାରେ 'ମଦ୍ୟପାନ ନ କରିବା ସଂସ୍କୃତି' ଗ୍ରହଣୀୟ ଅଟେ। ସେ କହିଛନ୍ତି ଯେ ଅପରାଧର ପରିଣାମ ଗମ୍ଭୀର ଏବଂ ଏହା ବୃତ୍ତିଗତ ସୁଯୋଗକୁ ପ୍ରଭାବିତ କରୁଛି। ଆଇନଗତ ସୀମାଠାରୁ ଦୁଇଗୁଣ ଅଧିକ ମଦ୍ୟପାନ କରି ଫଶିଥିବା ୱାର୍ଣ୍ଣରଙ୍କର ଆଗାମୀ ବିବିଏଲ୍ ସିଜିନ୍ ପାଇଁ 'ଥଣ୍ଡର'ର ଅଧିନାୟକତ୍ୱକୁ ପ୍ରଭାବିତ କରିପାରେ। ୱାର୍ଣ୍ଣରଙ୍କ ଓକିଲ ଉଲ୍ଲେଖ କରିଛନ୍ତି ଯେ ଏହା ଗଣମାଧ୍ୟମରେ ତୀବ୍ର ସମାଲୋଚନାର କାରଣ ହୋଇଥିଲା। ବିଚାରପତି କ୍ଲେୟାର ଫାର୍ନାନ୍ ୱାର୍ଣ୍ଣର ଏବଂ ତାଙ୍କ ପତ୍ନୀ କ୍ୟାଣ୍ଡିସ୍ ୱାର୍ଣ୍ଣରଙ୍କ ପ୍ରତି ନିର୍ଦ୍ଦେଶିତ ନିଷ୍ଠୁର ସାମାଜିକ ଗଣମାଧ୍ୟମ ମନ୍ତବ୍ୟର ପ୍ରମାଣକୁ ସ୍ୱୀକାର କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982